## ସଂକ୍ଷେପରେ

### ବାସନ୍ତୀ ଦୁର୍ଗାଙ୍କ ବିଜୟା ଦଶମୀ

ତିହିଡ଼ି,୧୮।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବିଲଣାରେ ଗୁରୁବାର ମା' ବାସନ୍ତୀ ଦୁର୍ଗାଙ୍କ ବିଜୟା ଦଶମୀ ଉତ୍ସବ ପାଳନ ପାଇଁ ବାସନ୍ତୀ ପଡ଼ିଆ ସୁସଜ୍ଜିତ ହୋଇଛି। ରଙ୍ଗିନ ଆଲୋକମାଳା ସାଙ୍ଗକୁ ତୋରଣ ପୂଜା ମଣ୍ଡପକୁ ଆକର୍ଷଣୀୟ କରିଛି। ମା'ଙ୍କ ମୃଣ୍ମୟ ପ୍ରତିମାକୁ ମଣ୍ଡପରେ ସ୍ଥାପନା କରାଯାଇ ସପ୍ତମୀଠାରୁ ପୂଜାର୍ଚ୍ଚନା ଚାଲିଛି। ପୂଜକ ସନାତନ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଚଳିତବର୍ଷ ଏହି ପୂଜା ୯୧ ବର୍ଷରେ ପହଞ୍ଚିଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଛି। ପୂଜା ସ୍ଥଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ପୂର୍ବତନ ବିଧାୟକ ବିଜୟ ନାୟକ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ନାରାୟଣ ନାୟକ, ଲକ୍ଷ୍ମୀକାନ୍ତ ନାୟକ, ମୁକ୍ତିକାନ୍ତ ନାୟକ, ଅକ୍ଷୟ ନାୟକ, ଧରଣୀଧର ନାୟକ, ବୃନ୍ଦାବନ ନାୟକ, ବିଶ୍ୱରଞ୍ଜନ ନାୟକ, ସମିତିସଭ୍ୟ ଭାଗୀରଥି ମଲିକ, ଶରତ ମଲିକ, ରବୀନ୍ଦ୍ର ମହାକୁଡ଼ ପ୍ରମୁଖ ପରିଚାଳନା କରୁଛନ୍ତି।

### ମଦ ସହ ୨ ବାଇକ୍ ଜବତ, ୩ ଗିରଫ

ବାସୁଦେବପୁର,୧୮।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୫୦ ଲିଟର ମଦ ସହ ୨ ବାଇକ୍ ଜବତ କରିଛି। ଏହି ଚୋରା ମଦ ବିକ୍ରି ଅଭିଯୋଗରେ ୩ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗନ୍ନାଥପୁର ଗ୍ରାମର ଗିରିଧାରୀ ମଲିକ, ମନୋରଞ୍ଜନ ମଲିକ ଓ ବାଲେଶ୍ୱରର ବିଶ୍ୱଜିତ କାନୁନଗୋ। ୨ଟି ମୋଟର ସାଇକେଲ ସହ ୨ ମୋବାଇଲ ଜବତ ହୋଇଛି। ଅବକାରୀ ବିଭାଗ ଇନ୍ସପେକ୍ଟର ଦିଲୀପ ନାୟକ, ଓଆଇସି ନଟବର ମଲିକ, ଏଏସ୍ଆଇ ଭବେଶ ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### 'ଧର୍ମ ଓ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ' ପୁସ୍ତକ ଉନ୍ମୋଚିତ

ଭଦ୍ରକ,୧୮।୪ (ରବିନାରାୟଣ ଖିଲାର)

ପବିତ୍ର ଅଶୋକାଷ୍ଟମୀ, ବାସନ୍ତୀ ଦୁର୍ଗାଙ୍କ ପୂଜା ଅବସରରେ ଭଦ୍ରକ ସାହିତ୍ୟ ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଭବନଠାରେ ସଭାପତି ଡ. ରାଧାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୁସ୍ତକ ଲୋକାର୍ପଣ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ କବି ଦାଶରଥି ପଣ୍ଡାଙ୍କ 'ଧର୍ମ ଓ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ' ପୁସ୍ତକ ଲୋକାର୍ପଣ ପରେ ସାହିତ୍ୟିକ ଶରତ କୁମାର ନାୟକ ସମୀକ୍ଷା କରିଥିଲେ। ମୁଖ୍ୟଅତିଥି ଭାବେ ଆଲୋଚକ ଡ. ବ୍ରଜମୋହନ ମିଶ୍ର ଏହି ପୁସ୍ତକ ଆଧ୍ୟାତ୍ମିକ ମାର୍ଗଦର୍ଶନରେ ସହାୟକ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ଗଣେଶ ପ୍ରସାଦ କରଶର୍ମା, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ନାୟକ ଏବଂ ସମ୍ମାନିତ ବକ୍ତା ଭାବେ ଡ. ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ପ୍ରକାଶିକା ଦିପ୍ତୀରେଖା ପଣ୍ଡା ଓ ଶିଶୁକବି ଶ୍ରଦ୍ଧାଞ୍ଜଳି ଖମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଗୌରାଙ୍ଗ ବାରିକ। ଘନଶ୍ୟାମ ଲେଙ୍କା ବେଦପାଠ କରିଥିବା ବେଳେ ସରୋଜିନୀ ନାୟକ ଅତିଥି ପରିଚୟ ଦେଇଥିଲେ। ପରିଷଦର ସମ୍ପାଦକ କବି ବିଜୟ କୁମାର ବହଳୀ ସୂଚନା ପ୍ରଦାନ ସହ ଅତିଥି, କବି ଓ ଲେଖକଙ୍କୁ ସ୍ୱାଗତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସାହିତ୍ୟିକ ରତିକାନ୍ତ ବେହେରା, ଅଧିବକ୍ତା ମନୋରଞ୍ଜନ ଦାସ ଓ ଗୁରୁ କଲ୍ୟାଣ ପଣ୍ଡା। ଏହି ଅବସରରେ କବି ଡ. ଅବନୀ ପ୍ରଧାନଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାହିତ୍ୟିକା ଗୀତାରାଣୀ ଆଇଚ ଓ ବାବୁଲାଲ ଦାସ ଯୋଗ ଦେଇଥିଲେ। କବିତା ସଂଯୋଜନା କରିଥିଲେ ଅଂଶୁମାନ ସ୍ୱାଇଁ। ମନୋରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ୧୦ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା

ଭଦ୍ରକ, ୧୮।୪ (ରବିନାରାୟଣ ଖିଲାର)

ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ଦେଉଥିବା ଶ୍ରୀରାମ ନବମୀ ମହୋତ୍ସବରେ ନେଇ ଭଦ୍ରକ ସହରରେ ବାଇପାସ୍ ଶ୍ରୀରାମ ସମିତି ସେବା ସଂଘ ପକ୍ଷରୁ ୧୦ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସଂଘ ପକ୍ଷରୁ ଭୀମସେନ ପାଣି, ମୋହନ ନାୟକ, ପ୍ରଦୀପ କୁମାର ବଳ, କୁଲିଆ ମହାନ୍ତି, ନବଘନ ଦାସ, ସୁର ରାଉତରାୟ, ସୁରେନ୍ଦ୍ର ରାୟ, ସୁରେଶ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ସାହୁ, ବାବୁଲି ଦାସ ପ୍ରମୁଖଙ୍କ ସହ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଶ୍ରୀରାମ ବିଜୟା ଦଶମୀ ଉତ୍ସବ

# ଗେରୁଆମୟ ଧାମନଗର




ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା।

**କଳସ ଶୋଭାଯାତ୍ରା**

- ସିସିଟିଭି ଜଗିବ ସବୁ ଛକ
- ସାମାଜିକ ଗଣମାଧ୍ୟମ ଉପରେ ପୋଲିସ ରଖିବ ନଜର

ଧାମନଗର,୧୮।୪ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଐତିହାସିକ ଶ୍ରୀରାମ ବିଜୟା ଦଶମୀ ଉତ୍ସବ ପାଇଁ ଧାମନଗର ଅଞ୍ଚଳ ଉତ୍ସବମୁଖର ହୋଇଛି। ଶୁକ୍ରବାର ହେବାକୁ ଥିବା ନଗର ସଂକୀର୍ତ୍ତନ ଶୋଭାଯାତ୍ରାରେ ଧାମନଗର ବ୍ଲକର ହଜାର ହଜାର ଲୋକଙ୍କ ସମାଗମ ହେବ। ଶୋଭାଯାତ୍ରା ଲାଗି ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ଧାମନଗର ବଜାର ଗେରୁଆ ରଙ୍ଗର ପତାକାରେ ସଜେଇ ହୋଇଛି। ଗ୍ରାମାଞ୍ଚଳ ରାସ୍ତା ସମେତ ସାରା ଅଞ୍ଚଳ ଗେରୁଆମୟ ହୋଇଛି। ବିଭିନ୍ନ ଦୋକାନରେ ଗେରୁଆ ପତାକା, ଉତ୍ତରୀୟ, ମୁଣ୍ଡବନ୍ଧା ପଟି, ଟି-ଶାର୍ଟ ଆଦି କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଅବସରରେ ଗୁରୁବାର କଳସ ଶୋଭାଯାତ୍ରା, ଗୋପୂଜନ ଓ ସାଧୁସନ୍ଥ ପୂଜନ କରାଯାଇଛି। ସକାଳ ୯ଟାରେ ୧୦୦୮ କଳସ ପୂଜା କରାଯାଇ ଜୟନଗରସ୍ଥିତ ପୁଷ୍କରିଣୀରୁ ଏକ ବିରାଟ ଶୋଭାଯାତ୍ରା ବାହାରି କୋର୍ଟ ଛକ, ସାନବଜାର, ବଡ଼ବଜାର ଓ ମେଡିକାଲ ବଜାର ଦେଇ ଯଜ୍ଞ ମଣ୍ଡପ ମେଳଣ ପଡ଼ିଆରେ ପହଞ୍ଚିଥିଲା।

ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପାର ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ ପାଢ଼ୀ, କୈଳାସ ମହାପାତ୍ର, ସରୋଜ ମହାପାତ୍ର, ମନୋରଞ୍ଜନ ମଲ୍ଲିକ, ଭଗବାନ ପଣ୍ଡା, ଅରବିନ୍ଦ ପତି, ମହେଶ୍ୱର ସ୍ୱାଇଁ, ବୁଦ୍ଧଦେବ ଜେନା, କୈଳାସ ଗୁପ୍ତା, ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତି, ପ୍ରମୋଦ ସୂତାର, ଶ୍ରୀଧର ବେହେରା, ପୁଷ୍ପାଞ୍ଜଳି ବେହେରା, ସ୍ୱପ୍ନାରାଣୀ ବେହୁରିଆ, କବିତା ରାଣୀ ରାୟ, ପ୍ରୀତମ ଦାସ, ରାଜେନ୍ଦ୍ର ସାହୁ, ସଞ୍ଜୟ ସ୍ୱାଇଁ, ସୁଶାନ୍ତ ରାଉତ, ଉତ୍ତମ ମହାନ୍ତି, ଶୁଭେନ୍ଦୁ ପାତ୍ର, ପ୍ରଶାନ୍ତ ପରିଡ଼ା, ମାନସ ପରିଡ଼ା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହାପରେ ଗୋପୂଜନ ଓ ସାଧୁ ସନ୍ଥ ପୂଜନ ଅନୁଷ୍ଠିତ ହୋଇଥିଲା। ସାଧୁସନ୍ଥମାନେ ମାର୍ଗଦର୍ଶନ କରିବା ସହ ସନାତନ ଧର୍ମ ସମ୍ପର୍କରେ କହିଥିଲେ। ବଜରଙ୍ଗ ଦଳର ମିଳନ କେନ୍ଦ୍ର ପ୍ରମୁଖ ଓଡ଼ିଶା ପୂର୍ବ ବିପିନ ବିହାରୀ ପଣ୍ଡା ପରିଚାଳନା କରିଥିଲେ। ସାଧୁସନ୍ଥଙ୍କ ମଧ୍ୟରେ ମହାରାଷ୍ଟ୍ର ନାସିକର ସ୍ୱାମୀ ମିଳନଗିରି ମହାରାଜ, ତାମିଲନାଡୁର ସ୍ୱାମୀ ସଦାନନ୍ଦ ମହାରାଜ, ରାମକୃଷ୍ଣ ମିଶନ କୁଲଣାର ସ୍ୱାମୀ ଶ୍ରଦ୍ଧାନନ୍ଦ ମହାରାଜ, ସିମୁଳିଆଗୋଶାଳା ପ୍ରମୁଖ ସ୍ୱାମୀ ରଞ୍ଜନ ବାବା ମହାରାଜ, ବୈଷ୍ଣବ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଶେଷରେ ମହାଯଜ୍ଞ ସମିତିର ସଭ୍ୟ ଆଇନଜୀବୀ ବିଜୟ କୁମାର ରାମ ଧନ୍ୟବାଦ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ଥିଲା।

ଶୁକ୍ରବାର ଅପରାହ୍ନରେ ବିଭିନ୍ନ ଗ୍ରାମରୁ ସୁସଜ୍ଜିତ ଶ୍ରୀରାମଙ୍କ ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବ। ଏହି ବିଜୟା ଦଶମୀ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଧାମନଗରରେ ୧୦ ପ୍ଲାଟୁନ ଫୋର୍ସ, ଜଣେ ଡିଏସ୍‌ପି, ୪ ଇନ୍ସପେକ୍ଟର, ୪ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ୮ ଏଏସ୍ଆଇ ଓ ୨୦ କନ୍‌ଷ୍ଟେବଲଙ୍କୁ ନିୟୋଜିତ କରାଯାଇଛି। ବଡ଼ବଜାର, ସାନବଜାର, ଚୂନପଡ଼ା ଛକ ପ୍ରମୁଖ ସ୍ଥାନକୁ ସିସିଟିଭି ନଜରରେ ରଖିବା ବ୍ୟବସ୍ଥା ହୋଇଥିବା ବେଳେ ସାମାଜିକ ଗଣମାଧ୍ୟମ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବା ଭଳି କୌଣସି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ନ ରଖିବାକୁ ଏସ୍‌ଡିପିଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ସରିଲା ଲୋକକଳା, ପାଲା ମହୋତ୍ସବ



ମହୋତ୍ସବରେ ଯୋଗଦେଇଥିବା ପାଲା କଳାକାରମାନେ।

ବାସୁଦେବପୁର,୧୮।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ୮ମ ବାର୍ଷିକ ଲୋକକଳା ଓ ପାଲା ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପାଲା ମଣ୍ଡଳର ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦୁଃଶାସନ ରାଉତ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କବଚ ହେଉଛି ଓଡ଼ିଶାର ଲୋକକଳା ଓ ପାଲା। ଏହା ମାଧ୍ୟମରେ ବହୁ ଲୁକ୍କାୟିତ ତଥ୍ୟ ଓ କବି କଳାକାରଙ୍କ ସାହିତ୍ୟ କୃତି ବଞ୍ଚିପାରିଛି। ମୁଖ୍ୟବକ୍ତା ଭାବେ ଅନୁବାଦକ ଅଭିମନ୍ୟୁ ବେହେରା ଓ ଅନ୍ୟତମ ଅତିଥି ଭାବେ ବରିଷ୍ଠ ପାଲାକାର ନୀଳକଣ୍ଠ ପାତ୍ର ଯୋଗ ଦେଇଥିଲେ। ସମ୍ପାଦକ କପିଳନାଥ ଶର୍ମା ସ୍ୱାଗତ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସାମାଜିକ କର୍ମୀ ଶ୍ୟାମସୁନ୍ଦର ମହାନ୍ତି, ଗାୟକ ରମାକାନ୍ତ ନାୟକ, ବାଦ୍ୟକାର ରଞ୍ଜନ ଜେନା, ଘୋଡ଼ାନର୍ତ୍ତକ ରଞ୍ଜନ ମାଝୀ, ଗାୟକ ନୀଳକଣ୍ଠ ପାତ୍ରଙ୍କ ସମେତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସରେ ଗାୟିକା ବନଲତା ପ୍ରଧାନ, ରଜନୀ ମଲିକ, ସାବିତ୍ରୀ ମହାରଣା, ଦ୍ୱିତୀୟ ଦିବସରେ ଗାୟକ ଅକ୍ଷୟ ଦାସ ଓ ରମାକାନ୍ତ ନାୟକ ପାଲା ପରିବେଷଣ କରିଥିଲେ। ଦୁଇଦିନ ଧରି ଘୋଡ଼ାନାଚ, ଲଉଡ଼ିଖେଳ, କୀର୍ତ୍ତନ ପରିବେଷଣ, ଖଞ୍ଜଣୀ, କେନ୍ଦରା ଭଜନ, ବଂଶୀବାଦନ ସମେତ ବିଭିନ୍ନ ଲୋକକଳା ପରିବେଷଣ କରାଯାଇଥିଲା। ପାଲାଗାୟକ ରମାକାନ୍ତ, କପିଳନାଥ ଶର୍ମା, ରଜନୀ ମଲିକ, ପାଲାମଣ୍ଡଳ ସଭାପତି ସନାତନ, ବରିଷ୍ଠ ଉପଦେଷ୍ଟା ଶ୍ୟାମସୁନ୍ଦର ମହାନ୍ତି, କବି ପ୍ରହ୍ଲାଦ ବାରିକ୍‌ଙ୍କ ଉପସ୍ଥିତିରେ ଚାମର ମିଳନରେ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। କଳାକାର ଦୀନବନ୍ଧୁ ନାୟକ, ଗାୟକ କୈଳାସ ଚନ୍ଦ୍ର ମହାନ୍ତି, ଅମୂଲ୍ୟରତ୍ନ ସାହୁଙ୍କ ସମେତ ମଣ୍ଡଳର କଳାକାରମାନେ ଉପସ୍ଥିତ ଥିଲେ।

## ଭଦ୍ରକ ପ୍ରତି ଚରମ ଅବହେଳା: ନିରଞ୍ଜନ



ଖବରଦାତା ସମ୍ମିଳନୀରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ, ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କ ସହ ଅନ୍ୟ ପ୍ରାର୍ଥୀ ଓ କର୍ମକର୍ତ୍ତା।

ଭଦ୍ରକ,୧୮।୪ (ସନାତନ ରାଉତ)

ଦୀର୍ଘ ୨୫ବର୍ଷ ଶାସନରେ ଭଦ୍ରକ ପ୍ରତି ଶାସକ ଦଳ ଚରମ ଅବହେଳା କରିଛି। ପଡ଼ୋଶୀ ଯାଜପୁର ଜିଲାରେ ଯେଉଁ ପରିମାଣରେ ବିକାଶ ହୋଇଛି, ଭଦ୍ରକରେ ସେହି ତୁଳନାରେ ହୋଇପାରି ନାହିଁ। ୨୫ ବର୍ଷ ମଧ୍ୟରେ ଜିଲାରେ ମେଡିକାଲ କଲେଜଟିଏ ସ୍ଥାପନ ହୋଇପାରିଲାନି। ଜିଲାରେ ପ୍ରତିନିଧିତ୍ୱ କରୁଥିବା ଶାସକ ଦଳ ନେତାଙ୍କ ମଧ୍ୟରେ ଆନ୍ତରିକତା ନ ଥିବା ଗୁରୁବାର ଭଦ୍ରକ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆହୂତ ଖବରଦାତା ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ତଥା ଭଣ୍ଡାରିପୋଖରୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ଜିଲା ଓଡ଼ିଶାକୁ ୨ଜଣ ମୁଖ୍ୟମନ୍ତ୍ରୀ ଦେଇଥିବା ବେଳେ ଜିଲା ପ୍ରତି ଅବହେଳା କରାଯାଇଛି। ରାଜ୍ୟର ଯେକୌଣସି କାର୍ଯ୍ୟକ୍ରମରେ ପ୍ରଥମେ ଗାନ କରାଯାଉଥିବା 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା ଭଦ୍ରକ ମାଟିର। ଏହି ମାଟି ପ୍ରତି ସରକାରଙ୍କ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ।

କଂଗ୍ରେସର ଜିଲା ସଭାପତି ତଥା ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ ଦାଶଙ୍କ ସଞ୍ଚାଳନାରେ ଏହି ସମ୍ମିଳନୀରେ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଗଣତନ୍ତ୍ର ବଞ୍ଚିବା ପାଇଁ ଗଣମାଧ୍ୟମର ଭୂମିକା ଶାଣିତ ହେବା ଦରକାର। ଜିଲାର ଅବହେଳା ବିଷୟରେ ଲୋକଙ୍କୁ ସଚେତନ କରିବା ଗଣମାଧ୍ୟମର ଦାୟିତ୍ୱ। ଭଦ୍ରକ ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଅସିତ୍ ପଟ୍ଟନାୟକ, ଧାମନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ବେହେରା, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର, ସୋର ବିଧାନସଭା କ୍ଷେତ୍ର ପ୍ରାର୍ଥୀ ମାଧବ ଧଡ଼ା, ସିମୁଳିଆ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦବାଲିରେ ଅମିୟଙ୍କ ରୋଡ୍ ଶୋ



ରୋଡ୍ ଶୋରେ ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ରଙ୍କ ସହ କଂଗ୍ରେସ କର୍ମକର୍ତ୍ତା ଓ ସମର୍ଥକ।

ଚାନ୍ଦବାଲି,୧୮।୪(କିଷାନ ପାତ୍ର)

ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ ଅମିୟ ମହାପାତ୍ର ଗୁରୁବାର ଚାନ୍ଦବାଲିରେ ରୋଡ୍‌ଶୋ କରିଛନ୍ତି। ଏଥିସହ କଂଗ୍ରେସର କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି। ସେ ପ୍ରଥମେ ମା' ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ସମର୍ଥକମାନଙ୍କ ସହ ଚାନ୍ଦବାଲି ବଜାରରେ ବିଶାଳ ଶୋଭାଯାତ୍ରାରେ ଆସି ସ୍ଥାନୀୟ ହୋଟେଲ କଇରଭଠାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ସବୁ ପଞ୍ଚାୟତରୁ ଆସିଥିବା ଆଗଧାଡ଼ିର କର୍ମୀମାନଙ୍କୁ ନେଇ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ସେ କହିଥିଲେ, କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ରହିଛି। ପ୍ରଥମେ ଲୋକଙ୍କ ସମସ୍ୟା କେମିତି ଦୂର କରାଯିବ ତାହା ତାଙ୍କର ପ୍ରଥମ ଲକ୍ଷ୍ୟ। ଏହି ନିର୍ବାଚନମଣ୍ଡଳୀରେ କେମିତି ଶିକ୍ଷା ସମସ୍ୟା, ବେକାରୀ ସମସ୍ୟା ଓ ଦୁର୍ନୀତି ଦୂର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବେ।

ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର ଦାସ, ବ୍ଲକ କଂଗ୍ରେସ ସଭାପତି ବୈଲୋଚନ ପଣ୍ଡା, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ବୃନ୍ଦାବନ ମହାଳିକ, ଏନ୍‌ଏସି ସଭାପତି ବଦ୍ରୀନାଥ ନାୟକ, ସୁରେଶ ମାହୁନ୍ତ, ସୁଦର୍ଶନ ମାହୁନ୍ତ, ଦେବାଶିଷ ନାୟକ, ସବ୍ୟସାଚୀ ରଥ, କିଶୁରାମ ଜେନା, ନାରୀନେତ୍ରୀ ସୁଲୋଚନା ନାୟକ, ସର୍ବେଶ୍ୱର ବେହେରା, ଦିଗମ୍ବର ସାହୁ, ସେକ କାଦିର, ସୁରେଶ ମାହୁନ୍ତ, ଉମେଶ ମହାକୁଡ଼, ନରହରି ମଲ୍ଲିକ, ନରେନ୍ଦ୍ର ମାଇତି, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମଚରିତ ମାନସ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ

ଭଦ୍ରକ,୧୮।୪

ଭଦ୍ରକ ସହରର ଲୋକନାଥ ମନ୍ଦିର ପରିସରରେ ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ଆନୁକୂଲ୍ୟରେ ଗତ ୮ ତାରିଖରୁ ଚାଲିଥିବା ୪୧ତମ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀରାମ ନବମୀ ଅବସରରେ ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହ ସମ୍ପନ୍ନ ହୋଇଛି। ସନ୍ଥ ଅଯୋଧ୍ୟା ଦାସ ମହାରାଜ, ଅଧ୍ୟାପକ ଡ. ପ୍ରମୋଦ କୁମାର ଦାଶ, ପ୍ରାଧ୍ୟାପକ ଡ. ଗୁରୁପ୍ରସାଦ ମହାପାତ୍ର ପ୍ରମୁଖ ପ୍ରବଚକ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ଏହି ଅବସରରେ ପରିଷଦର ସଭାପତି ଶିଶୁ ସାହିତ୍ୟିକ ହରମୋହନ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଭାସ୍କର ଚନ୍ଦ୍ର ବିଶ୍ୱାଳ ଓ କାଶୀନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ପ୍ରତିଷ୍ଠାତା ସଭ୍ୟ ରାମନାରାୟଣ ପାଣିଗ୍ରାହୀ, ଉପସଭାପତି ବ୍ରଜ କିଶୋର ଦାସ, ବୈଲୋଚନ ବେହୁରିଆ, ଯୁଗ୍ମ ସମ୍ପାଦକ ବିନୟ କୁମାର ପଣ୍ଡା, ସଭ୍ୟ ଅଜିତ କୁମାର ନାୟକ, ଗଙ୍ଗାଧର ଦାସ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ କୁମାର ଗୋସ୍ୱାମୀ, ଚନ୍ଦ୍ରମୋହନ ମହାନ୍ତି, କରୁଣାକର ଉପାଧ୍ୟାୟ, ଦୟାନିଧି ରାଉଳ, ବୀରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ମଲ୍ଲିକ, ତରୁଲତା ସାହୁ, ମମତାରାଣୀ ରାଉତ, ରିନା ମହାନ୍ତି, ମୀନତି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବାବା ଭୈରବାନନ୍ଦ ସରସ୍ୱତୀ, ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଣି ଓ ତ୍ରିନାଥ କର ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

## ଉର୍ଦ୍ଦୁ ବିଭାଗର ପାଠଚକ୍ର

ଭଦ୍ରକ,୧୮।୪(ସନାତନ ରାଉତ)

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଉର୍ଦ୍ଦୁ ବିଭାଗର ପାଠଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁପ୍ରୀତି କର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ନସିମା ଆରା ନିଖତ୍‌ଙ୍କ ପୌରୋହିତ୍ୟରେ 'ଅଲ୍ଲସା ଇକବାଲ କି ସାୟରାନା ଅଜମତ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ସାଲନ୍ଦୀ ମହାବିଦ୍ୟାଳୟ ଉର୍ଦ୍ଦୁ ବିଭାଗ ଅଧ୍ୟାପକ ସହିମୁର ରହେମାନ ଖାନ୍ ଯୋଗଦେଇ ଆଲୋଚ୍ୟ ଶୀର୍ଷକ ଉପରେ ବିଷୟ ବିଷଦ ଭାବେ ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଗୁଲାମ ସୁବାହାନି ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ଛାତ୍ରୀମାନେ ପାଠଚକ୍ର ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ



ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ଭାଜପା କର୍ମକର୍ତ୍ତା।

ଚାନ୍ଦବାଲି,୧୮।୪(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ବଜରାପୁର ପଞ୍ଚାୟତରେ ୱାର୍ଡମେମ୍ବରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଘଣ୍ଟେଶ୍ୱର ଭାଜପା ଅଫିସରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମଣ୍ଡଳ ସଭାପତି ମିତ୍ରଭାନୁ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମ୍ପାଦିକା ମାଳତୀଲତା ସାହୁ, ବାପି ପଣ୍ଡା, କମଳାକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାରେ ଯୋଗ ଦେଇଥିବା ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ନାରାୟଣ ମାଝୀ, ପ୍ରଦୀପ କର, ଖଗେଶ୍ୱର ଦାସ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର,୧୮।୪
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ଅଧୀନ ଯାଦବ ପଡ଼ିଆ ନିକଟରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୧୫ତମ ବାର୍ଷିକୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ୩ଦିନ ବ୍ୟାପୀ ବାର୍ଷିକୋତ୍ସବ ପାଳନ ଅବସରରେ ସୋମବାର ସାଧୁସନ୍ଥଙ୍କ ଉପସ୍ଥିତିରେ ବିଶାଳ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମଙ୍ଗଳବାର ଯଜ୍ଞ କାର୍ଯ୍ୟ ସହ ହନୁମାନ ଚାଳିଶା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

# ଅବଧି ପରେ ବି କାମ ସରୁନି

ଧାମନଗର,୧୮।୪
(ସନ୍ତୋଷ କୁମାର ମହାପାତ୍ର)

- ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ଅନିୟମିତତା
- ପାଳନ ହେଉନି ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ଡହଡହ ଖରାରେ କାମ କରୁଛନ୍ତି ଶ୍ରମିକ



ଭଗବାନପୁର ବଜାର ନିକଟରେ ନିର୍ମାଣାଧୀନ ଉପ ସ୍ୱାସ୍ଥ୍ୟକେନ୍ଦ୍ର।

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ଭଗବାନପୁର ବଜାର ନିକଟରେ ନିର୍ମାଣାଧୀନ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରକଳ୍ପରେ ଅନିୟମିତତା ନେଇ ଅଭିଯୋଗ ହେଉଛି। ୩୦ ଲକ୍ଷ ୨୭ ହଜାର ୭୯୩ ଟଙ୍କା ବ୍ୟୟ ଅଟ୍ଟକଳରେ ଏହି ପ୍ରକଳ୍ପ କାମ ୨୦୨୩ ଫେବୃଆରୀରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। ଗତ ଡିସେମ୍ବର ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା କଥା। କିନ୍ତୁ ନିର୍ମାଣ ଅବଧିର ୪ ମାସ ବିତି ଯାଇଥିଲେ ବି ଅଧା କାମ ସରିନାହିଁ। କାର୍ଯ୍ୟ ଆରମ୍ଭରୁ ଅନିୟମିତତା ହେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଫାଉଣ୍ଡେଶନରେ ମାଟି ମିଶା ବାଲି ଫିଲିଂ କରାଯିବା, ଢଳେଇରେ ସିମେଣ୍ଟ, ମେଟାଲ ଓ ବାଲିରେ ଭାଗ ମାପ କମ୍ କରିବା, ଏକ୍ସପାଏରୀ ତଥା ବେନାମୀ ସିମେଣ୍ଟ ସାଙ୍ଗକୁ ନିମ୍ନମାନର ରଡ୍ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହୃତ, କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଆସୁଛନ୍ତି।

ଅପରପକ୍ଷେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ପୂର୍ବାହ୍ନ ୧୧ଟା ପରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ବୋଲି ଏସ୍‌ଆର୍‌ସି (ସ୍ପେଶାଲ ରିଲିଫ କମିଶନର) ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ବେଖାତିର କରି ମଧ୍ୟାହ୍ନରେ ଡହଡହ ଖରାରେ ଶ୍ରମିକମାନଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାୟକଙ୍କୁ ପଚାରିବାରୁ ଏଭଳି ଅନିୟମିତତାକୁ ସେ ଅସ୍ୱୀକାର କରିଛନ୍ତି। ଉକ୍ତ ପ୍ରକଳ୍ପଟି ଟେଣ୍ଡର କାମ ହୋଇଥିବାରୁ କାର୍ଯ୍ୟ କରିବା ସମୟ ଠିକାଦାର ଉପରେ ନିର୍ଭର କରୁଛି ଏବଂ କିଛି ଅସୁବିଧା ହେଲେ ସେ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି।

**ଦଧିବାମନ ଜୀଉଙ୍କ ବାର୍ଷିକ ଉତ୍ସବ**

ରାମଚନ୍ଦ୍ରପୁର,(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ତରୁଆଁ ଗ୍ରାମର ଆରାଧ୍ୟ ଦଧିବାମନ ଜୀଉଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ କର୍ତ୍ତାଭାବେ କଳାକାର ଜେନା, ସ୍ତ୍ରୀ ପଦ୍ମିନୀ ଜେନାଙ୍କ ସହ ଜନାର୍ଦନ ବେହେରା, ନିତ୍ୟାନନ୍ଦ ବେହେରା, ମାୟାଧର ମଲ୍ଲିକ, ଖଗେଶ୍ୱର ରାଉତ, କମଳେଶ ଜେନା, ରମାକାନ୍ତ ରାଉତ, ଆଶିଷ ରାଉତଙ୍କ ଦ୍ୱାରା ଗ୍ରାମ ପୁଷ୍କରିଣୀରୁ କଳସ ବୁଡ଼ାଇ ଘଟ ସ୍ଥାପିତ ହୋଇଥିଲା। ରାଜେନ୍ଦ୍ର ରାଉତ, ଶରତ ରାଉତ, ବିଶ୍ୱନାଥ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ସଂକ୍ଷେପରେ

### ପ୍ରସାଦ ଖାଇବା ସମୟରେ ଟଳି ପଡ଼ିଲେ ଯୁବକ

ପାଟଣା,୧୮।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଇକଳା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଚାଲିଥିବା ସମୟରେ ବୁଧବାର ଅଘଟଣ ଘଟିଯାଇଛି। ଚବିଶ ପ୍ରହରରେ ଅନ୍ନ ପ୍ରାସଦ ଖାଉଥିବା ସମୟରେ ଜଣେ ଯୁବକ ଟଳି ପଡ଼ିଛନ୍ତି। ମୃତକ ଜଣକ ହେଲେ ପାଟଣା ବ୍ଲକ୍ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମର କୁନମୁନ ଦେହୁରୀ(୨୩)। ସେ ପ୍ରାସଦ ଖାଉଥିବା ସମୟରେ ଗଡ଼ି ପଡ଼ିଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଚବିଶ ପ୍ରହର ନାମଯଜ୍ଞକୁ କମିଟି ତରଫରୁ ବନ୍ଦ କରିଦିଆଯାଇଛି। ତୁରୁମୁଙ୍ଗା ପୋଲିସ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା(ନଂ.୧୧/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ କାରଣ ଜଣାପଡ଼ିବ ବୋଲି ଏଏସ୍ଆଇ ବିରେନ୍ଦ୍ର ବେହେରା କହିଛନ୍ତି।

### ଦୋଷୀଙ୍କୁ ୨୦ ବର୍ଷ ଜେଲ

#### ନାବାଳିକା ବଳାତ୍କାର ମାମଲା

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ଅତିରିକ୍ତ ଓ ସ୍ୱତନ୍ତ୍ର ଜିଲା ଦୌରାଜଜ୍(ପୋକ୍ସୋ)ଙ୍କ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି ହୋଇଛି। ଜଜ୍ ଶୁଭଶ୍ରୀ ତ୍ରିପାଠୀ ଅଭିଯୁକ୍ତ ଶିଶିର ଡାଙ୍ଗୁଆ (୨୫)ଙ୍କୁ ଦୋଷୀ ସାବ୍ୟସ୍ତକରି ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଆଦେଶ କରିଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ମୁତାବକ, ମା', ବାପାଙ୍କ ମୃତ୍ୟୁ ପରେ ୧୪ ବର୍ଷର ନାବାଳିକା ଜଣକ ତାଙ୍କ କାକାଙ୍କ ଘରେ ରହୁଥିଲେ। କାକା ପୁଅ ଭାଇ ତାଙ୍କ ସହ ଝଗଡ଼ାକରି ଘରୁ ବାହାର କରିଦେବାରୁ ସେ ଟାଉନ ଥାନା ଡିମ୍ବୋ ପଞ୍ଚାୟତ ଅଫିସ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଆଶ୍ରୟ ନେଇଥିଲେ। ଉକ୍ତ ଗ୍ରାମରେ ଶିଶିର ଏକ ଟେଣ୍ଟ ହାଉସ୍‌ରେ କାମ କରୁଥିଲେ। ୨୦୨୨ ମାର୍ଚ୍ଚ ୨୭ରେ ନାବାଳିକାଙ୍କୁ ଏକୁଟିଆ ଦେଖି ବଳାତ୍କାର କରିଥିଲେ। ଡିମ୍ବୋ ଗ୍ରାମର ଜଣେ ବ୍ୟକ୍ତି ଘଟଣାକୁ ନେଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ସଖୀ-ୱାନ୍ ଷ୍ଟେପ୍ ସେଣ୍ଟରରେ ଜଣାଇଥିଲେ। କାଉନ୍‌ସେଲିଂ ସମୟରେ ବଳାତ୍କାର ସମ୍ବନ୍ଧରେ ଜଣାପଡ଼ିଥିଲା। ସେଣ୍ଟର ପକ୍ଷରୁ ଟାଉନ ଥାନାରେ ୨୦୨୨ ଏପ୍ରିଲ ୩ରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା(ନଂ. ୧୧୨/୨୦୨୨) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୧ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ବିଚାରପତି ଉକ୍ତ ଦଣ୍ଡାଦେଶ ପ୍ରଦାନ କରିଥିବା ପିପି ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ଧୂଳିଧୂଆଁରେ ଅତିଷ୍ଠ ଲୋକେ

## କଳକାରଖାନା ଯୋଗୁ ବଢୁଛି ପ୍ରଦୂଷଣ

କେନ୍ଦୁଝର,୧୮।୪(ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁରଠାରେ ଥିବା କାସ୍‌ଭି ପାୱାର ଆଣ୍ଡ ପାୱାର ଲିଃ ଯୋଗୁ ପ୍ରଦୂଷଣ ବୃଦ୍ଧିପାଉଛି। ସ୍ପଞ୍ଜ ପ୍ଲାଣ୍ଟ ପ୍ରତିଷ୍ଠା ହେବାର ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଦୂଷଣ ନିରାକରଣ ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଧୂଳିଧୂଆଁରେ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ିଥିବା ଅଭିଯୋଗ ହୋଇଛି।

କାରଖାନା ପରିସରରେ କଞ୍ଚାମାଲ ତଥା ଲୁହାପଥର ଗୁଣ୍ଡ, କୋଇଲା ଏବଂ ସାଇଜ ଓର୍ ରଖିବା ପାଇଁ ଆବଶ୍ୟକ ସେଡ୍ ନ ଥିବା ସହ ଘୋଡ଼ାଇବାର ବ୍ୟବସ୍ଥା ନାହିଁ। ବର୍ଜ୍ୟଜଳ ବିଶୋଧନ ପାଇଁ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇନାହିଁ। ବର୍ଷାଜଳ ସଂରକ୍ଷଣ ପାଇଁ ସର୍‌ଫେସ ରନ୍ ଅପ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ମଧ୍ୟ ନାହିଁ। କଞ୍ଚାମାଲ ଖୋଲାରେ ପୁଡୁଥିବାରୁ ବର୍ଷା ହେଲେ ପରିସରରୁ ବାହାରୁ ଥିବା ବର୍ଜ୍ୟଜଳ ନିକଟସ୍ଥ ନାଳରେ ମିଶୁଛି। ଏୟାର ଡିଭାଇସ୍ ରକ୍ଷଣାବେକ୍ଷଣ ନିୟମିତ ବ୍ୟବଧାନରେ ହେଉ ନ ଥିବାରୁ ବାୟୁ ପ୍ରଦୂଷଣ ହେଉଛି। ଇଏସ୍‌ପି ଠିକ୍ ଭାବେ କାମ କରୁ ନ ଥିବାରୁ କଳାଗୁଣ୍ଡ ଉଡ଼ି ସିଧାସଳଖ ବାୟୁରେ ମିଶୁଛି। ଫଳରେ କାରଖାନା ଚତୁଃପାର୍ଶ୍ୱ ୫ କି.ମି. ପର୍ଯ୍ୟନ୍ତ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ବାଡ଼ି, ବଗିଚା, ବିଲ, ପୋଖରୀ, ନାଳକୁ କଳାଗୁଣ୍ଡ ପ୍ରଦୂଷିତ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁଯାୟୀ(ପିଏମ୍୧୦) ବା ବାୟୁ ପ୍ରଦୂଷଣ ହାର ଏଠାରେ ୨୦୦ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ (ପିଏମ୍୧୦) ୧୦୦ ଟପିଲେ ଲୋକେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଶ୍ୱାସ, ଫୁସ୍‌ଫୁସ୍ ଏବଂ ପେଟଜନିତ ରୋଗରେ ପୀଡ଼ିତ ହୁଅନ୍ତି। କାରଖାନା ପରିସରରେ ଧୂଳି ନ ଉଡ଼ିବା ପାଇଁ ଆବଶ୍ୟକ ପରିମାଣର ସ୍ପିଙ୍କଲର ଲଗାଯାଇ ନ ଥିବାରୁ କାରଖାନା ମଧ୍ୟରେ ବାୟୁ ପ୍ରଦୂଷଣ ହେଉଛି। କାରଖାନା ପାର୍ଶ୍ୱରେ ଥିବା ବାରାସ ଜଙ୍ଗଲରେ ଗଛ କଳାଗୁଣ୍ଡରେ ଆଚ୍ଛାଦିତ ହେଉଛି। ଜଙ୍ଗଲ ପାଖରେ କାରଖାନା ଥିବାରୁ ବହୁ ସଂଖ୍ୟାରେ ଭାରିଯାନ, କାରଖାନା ଶବ୍ଦ ପ୍ରଦୂଷଣ ବନ୍ୟପ୍ରାଣୀଙ୍କ ଉପରେ ପ୍ରଭାବ ପଡୁଛି। ଅନେକ ସମୟରେ



ବନ୍ୟପ୍ରାଣୀ ପଥଭ୍ରଷ୍ଟ ହୋଇ ଜନବସତି ମୁହାଁ ହୋଇ କ୍ଷତି ଘଟାଉଛନ୍ତି। କାରଖାନା ମୋଟ ଜମିର ୩୦ ପ୍ରତିଶତ ସ୍ଥାନରେ ପ୍ରଦୂଷଣ ନିରାକରଣ ପାଇଁ ବନୀକରଣ କରିବାର ନିୟମ ଥିଲେ ମଧ୍ୟ ବନୀକରଣ ହୋଇନାହିଁ। ପ୍ରଦୂଷଣ ବିଭାଗର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି, ବିଭାଗ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସରଞ୍ଜାମ ଲଗାଇବାକୁ ନୋଟିସ୍ ହୋଇଛି। ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସମ୍ପାଦନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ରେଞ୍ଜର ଅଜିତ ଦାସ କହିଛନ୍ତି, ନୂଆକରି କାର୍ଯ୍ୟରେ ଯୋଗଦେଇଛନ୍ତି, ଏ ସମ୍ପର୍କରେ ତଦନ୍ତକରି ପଦକ୍ଷେପ ନିଆଯିବ। କାରଖାନାର ସାଧାରଣ ପରିଚାଳକ ଦୀପକ ବିଶ୍ୱାଳ କହିଛନ୍ତି, ପ୍ରଦୂଷଣ ବିଭାଗରୁ ନୋଟିସ୍ ପାଇଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ସମାଧାନ କରିବାକୁ ଚେଷ୍ଟା କରାଯାଉଛି।

# ଜନ ସୂଚନା ଅଧିକାରୀଙ୍କୁ ୨୫ ହଜାର ଜରିମାନା

ହାଟଡ଼ିହୀ,୧୮।୪
(ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା)

ଓଡ଼ିଶା ସୂଚନା କମିଶନଙ୍କ ତରଫରୁ ଏକ ମାମଲା ବିଚାର କରି କମିଶନର ବି.କେ. ମହାପାତ୍ର କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଜନ ସୂଚନା ଅଧିକାରୀଙ୍କୁ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଗତ ୨୦୨୪ ଏପ୍ରିଲ ୨ରେ ଉକ୍ତ ଆଦେଶ ପ୍ରକାଶ ପାଇଛି। ଆଦେଶ ପାଇବାର ଏକ ମାସ ମଧ୍ୟରେ ଟଙ୍କା ଜମା କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ବ୍ୟତିକ୍ରମ ହେଲେ ଅଧିକାରୀଙ୍କ ଦରମା କିମ୍ବା ପେନ୍‌ସନ୍‌ରୁ କିସ୍ତି କରି ୫ ମାସରେ ଟଙ୍କା ଆଦାୟ ହେବ। ଏ ବାବଦରେ ହାଟଡ଼ିହୀ ବିଡ଼ିଓ ପଦକ୍ଷେପ ନେଇ କମିଶନ ରେଜିଷ୍ଟ୍ରାରଙ୍କୁ ଜଣାଇବେ ବୋଲି ନିର୍ଦ୍ଦେଶ ମଧ୍ୟ ରହିଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୂଚନା କମିଶନ ତରଫରୁ କେନ୍ଦୁଝର ଜିଲାପାଳଙ୍କୁ ଉକ୍ତ ଆଦେଶନାମା ପଠାଯାଇଛି। ସୂଚନାଯୋଗ୍ୟ, ହାଟଡ଼ିହୀ ବ୍ଲକ୍ ସମ୍ପର୍କିତ ଏକ ସୂଚନା ନିମନ୍ତେ ଜଣେ ବ୍ୟକ୍ତି ୪ ନଭେମ୍ବର ୨୦୨୨ରେ ସୂଚନା ଅଧିକାର ବଳରେ ଆବେଦନ କରିଥିଲେ। କିନ୍ତୁ ତାଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। ଫଳରେ ଅପିଲେଟ ଅଧିକାରୀ ତଥା ବିଡ଼ିଓଙ୍କ ନିକଟରେ ପ୍ରଥମ ଅପିଲ ହୋଇଥିଲା। ତଥାପି ସୂଚନା ମିଳିଲାନାହିଁ। ଫଳରେ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ ହୋଇଥିଲା। ୧୮ ଜାନୁଆରୀ ୨୦୨୪ରେ ପ୍ରଥମ ଶୁଣାଣି ହୋଇଥିଲା। କିନ୍ତୁ ପ୍ରଥମ ଅପିଲେଟ ଅଧିକାରୀ ତଥା ବିଡିଓ ଏବଂ ଜନ ସୂଚନା ଅଧିକାରୀ ଅନୁପସ୍ଥିତ ଥିଲେ। ଏକ ମାସ ମଧ୍ୟରେ ସୂଚନା ପ୍ରଦାନ କରିବା ସହ ପରବର୍ତ୍ତି ଶୁଣାଣିରେ ଉଭୟ ଅଧିକାରୀ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ପରବର୍ତ୍ତୀ ଶୁଣାଣି ପାଇଁ ୨ ଏପ୍ରିଲ ୨୦୨୪ କୁ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହି ତାରିଖ କେହି ହାଜର ହୋଇ ନ ଥିଲେ କି କୌଣସି ପ୍ରକାରର ଜବାବ ପ୍ରଦାନ କରି ନ ଥିଲେ।

# ଗୋଟିଏ ଦିନରେ ଉଠିଗଲା କଂକ୍ରିଟ୍

## ନିମ୍ନମାନର ରାସ୍ତା ନିର୍ମାଣ

ଯୋଡ଼ା,୧୮।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ଶାସ୍ତ୍ରୀ ନଗର ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ତଦାରଖ ଅଭାବରୁ କାର୍ଯ୍ୟର ଗୋଟିଏ ଦିନରେ କଂକ୍ରିଟ୍ ଉଠି ଯାଇ ଖାଲ ହୋଇପଡ଼ିଛି। ଫଳରେ ଯାନବାହନ ଚଳାଚଳ ବେଳେ ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଇଛି। ଏଥିପ୍ରତି ପୌର ପଳିକା ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ଧରି ଶାସ୍ତ୍ରୀ ନଗର ରାସ୍ତା ଅଧ ପନ୍ତରିଆ ହୋଇପଡ଼ିଥିଲା। ପୌର ପ୍ରଶାସନ ପକ୍ଷରୁ ଉନ୍ନୟନ କାର୍ଯ୍ୟ ଜରିଆରେ ରାସ୍ତା ନିର୍ମାଣ, ମରାମତି କାର୍ଯ୍ୟ ଜାରି ରହିଛି। ମାତ୍ର କାର୍ଯ୍ୟ କରୁଥିବା ଠିକାଦାର କୌଣସି ସୂଚନା ପ୍ରଦାନ କରୁ ନ ଥିବା ବେଳେ ମନଇଚ୍ଛା କେଉଁଠି ପେଭର୍ ବ୍ଲକ୍ ଓ କେଉଁଠାରେ କଂକ୍ରିଟ ନିର୍ମାଣ କରାଯାଉଛି। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତାର ଆକାର ଓ ରାସ୍ତା ଦୁଇ ପାର୍ଶ୍ୱର ମାପଚୁପ ନ କରି ଖାମଖିଆଲି ଭାବରେ ରାସ୍ତା କାମ ଜାରି ରହିଛି। ଏପରିକି ରାସ୍ତା ମଝିରେ ରହିଥିବା ଖାଲ ଢିପ ଗୁଡ଼ିକୁ ମଧ୍ୟ ସମତୁଲ କରାଯାଉ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ କଂକ୍ରିଟ ରାସ୍ତା ଉପରେ ପେଭର ବ୍ଲକ୍ ବିଛା ଯାଉଥିବାରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ରାସ୍ତା କଡ଼ରେ ଥିବା ଘର ଗୁଡ଼ିକରେ ପାଣି ପଶୁଛି। ଅନ୍ୟପକ୍ଷରେ କଂକ୍ରିଟ ନିର୍ମାଣ ସମୟରେ ପୌର ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଉକ୍ତ ରାସ୍ତା ଦେଇ ଯାଇଥିବା ପାଣି ପାଇପ ଫାଟିବା ଯୋଗୁ ରାସ୍ତାରେ ପାଣି ବହିବାରେ ଲାଗିଛି। ନିମ୍ନମାନର ରାସ୍ତା କାମ କରାଯାଉଥିବାରୁ ସରକାରୀ ଅର୍ଥ ବର୍ବାଦ ହେବା ସହିତ ରାସ୍ତାର ସ୍ଥାୟିତ୍ୱ ରହୁ ନାହିଁ ବୋଲି ସ୍ଥାନୀୟ ୱାର୍ଡବାସୀ କହିଛନ୍ତି। ଏଥିପ୍ରତି ପୌର ପାଳିକା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ପୌରପାଳିକାର ମୁଖ୍ୟ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ମହିଳା



ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

କେନ୍ଦୁଝର,୧୮।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଠକେଇ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସଂସ୍ଥା କିଛି ସ୍ଥାନୀୟ ମହିଳାଙ୍କ ଜରିଆରେ ଅସହାୟ ଲୋକଙ୍କୁ ଠକୁଛନ୍ତି। ଥାନାରେ ଅଭିଯୋଗ ପରେ ବି ସ୍ଥାନୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଆଦିବାସୀ ମହିଳା ବୁଧବାର ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଅର୍ଥ ଲଗାଣକାରୀ ସଂସ୍ଥା ସ୍ଥାନୀୟ କଲାଣ୍ଡା ଓ ଆଖପାଖ ଗ୍ରାମର ମହିଳାଙ୍କୁ ବିଧବା ଭତ୍ତା, ଆବାସ ଯୋଜନାରେ ଘର କରାଇଦେବାକୁ କହି ଆଧାର କାର୍ଡ, ଭୋଟର କାର୍ଡ, ବ୍ୟାଙ୍କ ପାସ୍ ବୁକ୍ ଆଦିର କପି ସ୍ଥାନୀୟ କେତେଜଣ ମହିଳାଙ୍କ ଜରିଆରେ ନେଇଯାଇଛନ୍ତି। ପ୍ରମାଣପତ୍ରକୁ ବ୍ୟବହାରକରି ସାର୍ଟିନ ଫାଇନାନ୍ସ ନାମକ ଏକ ଘରୋଇ ଋଣ ଯୋଗାଣକାରୀ ସଂସ୍ଥାଠାରୁ ସେମାନଙ୍କ ନାମରେ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏବେ ଉକ୍ତ ସଂସ୍ଥାର କର୍ମଚାରୀ ଋଣ ଟଙ୍କା ଆଦାୟ ପାଇଁ ଘରେ ଜଗି ବସୁଥିବା ଏବଂ ବିଭିନ୍ନ ପ୍ରକାର ଅସଦାଚରଣ କରି ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଟଙ୍କା ନ ଦେଲେ ରାଶନ କାର୍ଡ, ଭୋଟର କାର୍ଡ କାଟିଦେବେ ବୋଲି ଧମକଦେବାରୁ ସେମାନେ ମାସକ ପୂର୍ବେ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଋଣଯୋଗାଣକାରୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ସ୍ଥାନୀୟ କଲଣ୍ଡା ଗ୍ରାମର ସୁକୁମତି ମୁଣ୍ଡା, ସନିବାରୀ ମୁଣ୍ଡା, ଘାସିଆଣୀ ମୁଣ୍ଡା, ଚମ୍ପା ମୁଣ୍ଡା, ସୁବାସୀ ମୁଣ୍ଡା ପ୍ରମୁଖ ଅଭିଯୋଗ କରି ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଛନ୍ତି। ଘଟଣା ସତ୍ୟତା ଲୋକଲୋଚନକୁ ଆଣିଥିବାରୁ ଜଣେ ଖବରଦାତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିବା ମହିଳାମାନେ କହିଛନ୍ତି।

# ଜଳିଗଲା ବ୍ୟାଟେରି ଚାଳିତ ସ୍କୁଟି

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର-ଗୋବର୍ଦ୍ଧନ ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏକ(ଓଡି-୩୩-ଏ ଏଫ-୯୧୭୪)ବ୍ୟାଟେରି ଚାଳିତ ସ୍କୁଟି ଜଳିଯାଇଛି। ଗୁରୁବାର ସ୍ଥାନୀୟ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡୁକାପ ଗ୍ରାମର ରଞ୍ଜନ ବେହେରା ଟିଉସନ ପାଇଁ ଝିଅ ଚର୍ଚ୍ଚିକା ପ୍ରିୟଦର୍ଶନୀଙ୍କୁ ଧରି ପଦ୍ମପୁର ଅଭିମୁଖେ ଯାଉଥିଲେ। ପେଟ୍ରୋଲ ପମ୍ପ ନିକଟରେ ଗାଡ଼ିରୁ ଧୂଆଁ ବାହାରିବାରୁ ଗାଡିରୁ ଓହ୍ଲାଇ ପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ଖବର ପାଇ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରଞ୍ଜନ ସଦର ଥାନାରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସୁରକ୍ଷାବୀମା ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର,୧୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ପୋଲିସ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ରାଇସୁଆଁ ପାତ୍ର ସାହିର ପିଣ୍ଟୁ ପାତ୍ର (୨୨)। ସେ ମୟୂରଭଞ୍ଜ ଜିଲା ଉଦଳାର ଜଣେ ଯୁବତୀଙ୍କ ସହିତ ସୋସିଆଲ ମିଡ଼ିଆରେ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ପରେ ଏହାର ସୁଯୋଗ ନେଇ ପିଣ୍ଟୁ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ସଦର ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ। ଏସ୍ଆଇ ଦୀଲିପ ମୁର୍ମୁ ଏକ ମାମଲା(ନଂ.୨୮୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗୁରୁବାର ପୀଡ଼ିତାଙ୍କ ବୟାନ ରେକର୍ଡ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି।

# ପୋଲିଂ ଅଧିକାରୀଙ୍କୁ ତାଲିମ

ଚମ୍ପୁଆ,୧୮।୪(ମହେଶ୍ୱର ଦାସ)




ଲୋକ ସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ପାଇଁ ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ ରୁ ଦିନ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ୧୩୭ ଜଣ ପୋଲିଂ ଅଧିକାରୀଙ୍କୁ ଚମ୍ପୁଆ ଉପ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ସୁକାନ୍ତ ମାଝିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ତହସିଲଦାର ଧରମେନ୍ଦ୍ର ସତପଥୀ, ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସହକାରୀ ଜିଲାପାଳ ଫୁଲରାଇ ବେସରା, ଏବିଡିଓ ଚୁନୁ ହାଁସଦା, ଡେପୁଟି କଲେକ୍ଟର ସଜତ ମାର୍କି, ସାମାଜିକ ସୁରକ୍ଷା ଅଧିକାରୀ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ। ଇଭିଏମ ଓ ଭିଭିପାଟ ମେସିନର ସଂଯୋଗୀ କରଣ ସେକ୍ଟର ଅଫିସରଙ୍କ ସହ ନିୟମିତ ସମ୍ପର୍କ ରକ୍ଷା କରି ଶାନ୍ତିପୂର୍ଣ୍ଣ ମତଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଥମୁନି ପ୍ରଧାନ ଶିକ୍ଷକ-ପରିଚାଳନା କମିଟି ବିବାଦ

ସୋସୋ,୧୮।୪(ସତ୍ୟବ୍ରତ ଜେନା)

**ମୁକୁନ୍ଦ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ**

**ପରିସରରୁ ଗଛ କଟା, ସାମଗ୍ରୀ ବିକ୍ରି ପ୍ରସଙ୍ଗ**

କେନ୍ଦୁଝର ଜିଲା ହାଟଡ଼ିହୀ ଶିକ୍ଷା ମଣ୍ଡଳ ଅଧୀନ ନନ୍ଦିପଦା ମୁକୁନ୍ଦ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଚାଲିଥିବା ବିବାଦ ବଢ଼ିବାରେ ଲାଗିଛି। ପ୍ରଧାନ ଶିକ୍ଷକ ସ୍କୁଲର ସାମଗ୍ରୀ ବିକ୍ରିକରି ଅର୍ଥ ହଡ଼ପ, ୫-ଟି କାର୍ଯ୍ୟରେ ଦୁର୍ନୀତି କରିଥିବା ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନ କମିଟି ମେମ୍ବର ବ୍ଲକ୍ ଓ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ସମସ୍ୟା ସମାଧାନ ନ ହେଲେ ବିଦ୍ୟାଳୟ ଆଗରେ ପରିଚାଳନା କମିଟି ସଦସ୍ୟ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରାୟ ୫୦ ଲକ୍ଷ ଟଙ୍କା ଅନୁଦାନରେ ୫-ଟି କାର୍ଯ୍ୟ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ଦାୟିତ୍ୱରେ ତ୍ୱରାନ୍ୱିତ ହୋଇଥିଲା। ସେଥିରୁ ସେ ଅର୍ଥ ହେରଫେର କରିଛନ୍ତି। ଏଥିସହ ବିଦ୍ୟାଳୟରେ ଥିବା ପୁରୁଣା ଲୁହା ଫାଟକ, ପଙ୍ଖା ସହ ପରିସରରେ ଥିବା ଗଛଗୁଡ଼ିକୁ କାଟି ବିକ୍ରି କରିଦେଇଛନ୍ତି। ବିଦ୍ୟାଳୟ କମିଟି ସଦସ୍ୟ ବାରମ୍ବାର ଏହି ବିଷୟରେ ହିସାବ ମାଗୁଥିବା ବେଳେ ପ୍ରଧାନ ଶିକ୍ଷକ ହିସାବ ଦେବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିଲେ। ୨୦୨୪ ଡିସେମ୍ବରରେ ବିଦ୍ୟାଳୟ ପରିଚାଳନା କମିଟି ଓ ମୋ ସ୍କୁଲ କମିଟି ସଦସ୍ୟଙ୍କ ଉପସ୍ଥିତିରେ ବୈଠକ ବସିଥିଲା। ୨୦୨୪ ଜାନୁଆରୀ ୧୫ ସୁଦ୍ଧା ପ୍ରଧାନ ଶିକ୍ଷକ ହିସାବ ଦେବା ନେଇ ସମସ୍ତଙ୍କ ସମ୍ମୁଖରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେ ହିସାବ ଦେବା ପରିବର୍ତ୍ତେ ସ୍କୁଲ କମିଟି ସଦସ୍ୟ ଗାଳିଗୁଲଜ କରୁଥିବା ନେଇ ନନ୍ଦିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ସ୍କୁଲ କମିଟି ସଭାପତି ଓ ସଦସ୍ୟଙ୍କୁ ଡାକି ପଚରାଉଚରା କରିଥିଲେ। ଜାନୁଆରୀ ଶେଷ ସୁଦ୍ଧା ହିସାବ ଦେବାକୁ ଥାନାରେ ଆଲୋଚନା ହୋଇଥିଲେ ବି ପ୍ରଧାନ ଶିକ୍ଷକ ଛୁଟିରେ ରହି ହିସାବ ଦେଇ ନ ଥିଲେ। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଅଭିଯୋଗର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋ ସ୍କୁଲର ସଭାପତି ଦିଲୀପ ଘୋଷ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ସଦସ୍ୟ ଲୋକନାଥ ଜେନା, ସସ୍ମିତା ବାରିକ, ଅଭିମନ୍ୟୁ ଦାସ, ଲୋକନାଥ ନାୟକ, ସତ୍ୟବ୍ରତ ପଣ୍ଡା, ପ୍ରଭାସ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଧ୍ୟାନ ନ ଦେଲେ ବିଦ୍ୟାଳୟ ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନ ସଦସ୍ୟାସଦସ୍ୟ ହାଇସ୍କୁଲ ମୁଖ୍ୟ ଫାଟକ ଆଗରେ ଅନଶନ କରିବା ନେଇ ଚେତାବନୀ ଦେଇଛନ୍ତି। ପ୍ରଧାନ ଶିକ୍ଷକ ତ୍ରିପାଠୀ କହିଛନ୍ତି, ଏକ ଶୁଦ୍ଧିକ୍ରିୟାରେ ବ୍ୟସ୍ତ ଅଛନ୍ତି, କିଛି କହିପାରିବେ ନାହିଁ। ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁଙ୍କାର ଅନିମେଶ କହିଛନ୍ତି, ଅଭିଯୋଗ ପରେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଛି। ବନ ବିଭାଗରୁ ଆଦେଶ ଆଣି ପ୍ରଧାନ ଶିକ୍ଷକ ଗଛ କାଟିଛନ୍ତି ଓ ବିଭିନ୍ନ ସାମଗ୍ରୀ ବିକ୍ରି କରିବାର ମୁଁ କିଛି ପ୍ରମାଣ ଏଯାଏ ପାଇନାହିଁ। ଅନ୍ୟାନ୍ୟ ଅଭିଯୋଗର ଅନୁଧ୍ୟାନ କରି ଲିଖିତ ଭାବେ ଜିଲା ଶିକ୍ଷା ଅଧିକାରିଣୀ ଗୌରୀରାଣୀ ନାୟକଙ୍କୁ ପଠାଇଥିବା ସେ କହିଛନ୍ତି।

# ଗରମରେ ବଢୁଛି ହାଣ୍ଡିଆ ବିକ୍ରି



କେନ୍ଦୁଝର, ୧୮।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ଅତିକ୍ରମ କରିଛି। ପ୍ରବଳ ଗରମରେ ଲୋକେ ଅତିଷ୍ଠ ହେଉଥିବା ବେଳେ ତାତିକୁ ପ୍ରଶମିତ କରିବା ପାଇଁ ହାଣ୍ଡିଆର ବିକ୍ରି ବୃଦ୍ଧିପାଇଛି। କୁହାଯାଏ ଧନୀ ଲୋକଙ୍କ ପାଇଁ ଲସି, ଥଣ୍ଡା ପାନୀୟ ଭଳି ଗରିବ ଓ ଆଦିବାସୀ ଲୋକଙ୍କ ପାଇଁ ହାଣ୍ଡିଆ ଖରାଦିନର ପାନୀୟ। କିନ୍ତୁ ଏବେ ହାଣ୍ଡିଆ ସବୁ ବର୍ଗର ଲୋକ ପିଇବାକୁ ଭଲ ପାଉଛନ୍ତି। ଅନେକେ ମଜାରେ ହାଣ୍ଡିଆକୁ ଏବିସିଡି (ଆଦିବାସୀ କୋଲ୍ଡ ଡ୍ରିଙ୍କ୍ସ) ମଧ୍ୟ କହିଥାନ୍ତି। କାରଣ ଏହାକୁ ଅଧିକ ଗରିବ ଶ୍ରେଣୀର ଲୋକମାନେ ବ୍ୟବହାର କରିଆସୁଛନ୍ତି।

ପ୍ରକାଶ ଯେ, ଆଦିମ କାଳରୁ ହାଣ୍ଡିଆ ଆଦିବାସୀମାନଙ୍କ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ। ଆଦିବାସୀ ଏହାକୁ ଦେବଦେବୀଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏଥିରେ ଔଷଧୀୟ ଗୁଣ ରହିଥିବା କୁହାଯାଏ। ଖରା ବଢ଼ିବା ସହ ଜିଲାର ବିଭିନ୍ନ ହାଟ ବଜାର, ଗାଁ ଗଣ୍ଡା, ରାସ୍ତା କଡ଼ରେ ଏହି ହାଣ୍ଡିଆର ଦୋକାନ ଦେଖିବାକୁ ମିଳୁଛି। ପୂର୍ବରୁ ନିଜେ ଖାଇବା ପାଇଁ ବା ପର୍ବପର୍ବାଣିରେ ବନ୍ଧୁବାନ୍ଧବଙ୍କୁ ଚର୍ଚ୍ଚା କରିବା ପାଇଁ ଆଦିବାସୀ ଘରେ ହାଣ୍ଡିଆ ପ୍ରସ୍ତୁତ କରୁଥିଲେ। ଏବେ ହାଣ୍ଡିଆ ନିଜେ ଖାଇବା ସହ ରାସ୍ତା କଡ଼ରେ, ହାଟବଜାରରେ ବିକି ଦୁଇ ପଇସା ରୋଜଗାର କରି ପରିବାର ଚଳାଉଛନ୍ତି। ରାସ୍ତା କଡ଼ରେ ହାଣ୍ଡିଆ ଦୋକାନ ତଥା ବିଭିନ୍ନ ସାପ୍ତାହିକ ହାଟରେ ସ୍ୱତନ୍ତ୍ର ହାଣ୍ଡିଆ ହାଟ ବସିଥାଏ। ପ୍ରବଳ ଖରାରେ ତୃଷ୍ଣା ମେଣ୍ଟାଇବା ସହ ଭୋକ ମେଣ୍ଟାଇବା ପାଇଁ ଗରିବ ଲୋକମାନେ କମ ବ୍ୟୟରେ ହାଣ୍ଡିଆ ଖାଇଥାନ୍ତି। ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ଖରା ଦିନରେ ଥକା ମେଣ୍ଟାଇବା ସହ ଗରମ ଉତ୍ତାପରୁ ଶାନ୍ତି ପାଇବା ପାଇଁ ହାଣ୍ଡିଆ ପିଇ ବିଶ୍ରାମ ନେଇ ପୁଣି ଗନ୍ତବ୍ୟ ପଥରେ ଚାଲିଯାଇଥାନ୍ତି। ଚାଉଳକୁ ଭାତ କରି ୩ ରୁ ୪ ଦିନ ଆବଦ୍ଧ କରି ରଖାଯାଏ। ପରେ ଏଥିରେ ମଳିକା (ନିଶା ପାଇଁ ବ୍ୟବହୃତ ଜଡ଼ିବୁଟି) ମିଶାଇଥାନ୍ତି। ଭାତକୁ ଏକ ବାଉଁଶରେ ପ୍ରସ୍ତୁତ ଡାଲାରେ ଘସି ଚକଟି ଥାନ୍ତି। ଏଥିରୁ ପ୍ରସ୍ତୁତ ଖଦଡ଼ା ଅଂଶକୁ ହାଣ୍ଡିଆ ଭାବରେ ବ୍ୟବହାର କରି ଉପର ପାଣିକୁ ପିଇଥାନ୍ତି, ଯାହାକୁ ରସି କୁହାଯାଏ। ହାଣ୍ଡିଆ ଦ୍ୱାରା ପେଟ ଥଣ୍ଡା ହେବା ସହ ପେଟ ରୋଗ, ଜଣ୍ଡିସ, ଅଂଶୁଘାତ ଭଳି ଅନେକ ବେମାରିର ଉପଶମ ହୁଏ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି। ଏଣୁ ହାଣ୍ଡିଆକୁ ଠିକ୍ ଭାବରେ ପ୍ରସ୍ତୁତ କରାଗଲେ ଏହା ସ୍ୱାସ୍ଥ୍ୟ ପକ୍ଷରେ ହିତକର ହୋଇଥାଏ ବୋଲି ଆୟୁର୍ବେଦିକ ଚିକିତ୍ସକ ହରେକୃଷ୍ଣ ମହାନ୍ତ କହିଛନ୍ତି। ବର୍ତ୍ତମାନ ଭାତକୁ ଶୀଘ୍ର ପଚାଇବା ଏବଂ ନିଶା ପାଇଁ ବ୍ୟବହୃତ ସାର, ରାସାୟନିକ ସାମଗ୍ରୀ ଓ ଜଡିବୁଟି ଅନେକ ସମୟରେ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ସାବ୍ୟସ୍ତ ହେଉଛି। ଏଥିପ୍ରତି ସଚେତନ କରିବା ଜରୁରୀ ବୋଲି ସେ କୁହନ୍ତି। ଆଇନଜୀବୀ ଜ୍ୟୋତିରତ୍ନ ମହାନ୍ତ କହିଛନ୍ତି, ଅନେକ ସମୟରେ କିଛି ଅସାଧୁ ଲୋକ ଅପମିଶ୍ରିତ ହାଣ୍ଡିଆ ଅଧିକ ଲାଭ ପାଇଁ ବିକ୍ରି କରିଥାନ୍ତି। ସେସବୁ ଖାଇ ଲୋକେ ଅସୁସ୍ଥ ହୋଇପଡ଼ନ୍ତି। ନିଜ ପାଇଁ ହାଣ୍ଡିଆ ପ୍ରସ୍ତୁତ କରି ରଖିପାରିବେ। ଆଇନ ଅନୁଯାୟୀ ଧାର୍ଯ୍ୟଠାରୁ ଅଧିକ ହାଣ୍ଡିଆ ରଖିଲେ ବା ଅପମିଶ୍ରିତ ହାଣ୍ଡିଆ ବିକ୍ରିକଲେ ଆଇନଗତ ପଦକ୍ଷେପ ନିଆଯାଇଥାଏ ବୋଲି ସେ କହିଛନ୍ତି। ସେହିପରି ଅନେକ ସ୍ଥାନରେ ସରକାର ହାଣ୍ଡିଆ ଭାଟିକୁ ମଧ୍ୟ ଅନୁମତି ଦିଆଯାଉଛି। ଆଦିବାସୀ ଗବେଷକ ଡ. ସୁମନ୍ତ ନାୟକ କୁହନ୍ତି, ହାଣ୍ଡିଆ ଆଦିବାସୀ ସଂସ୍କୃତି ଓ ପରମ୍ପରାରେ ବହୁ ଆଗରୁ ରହିଛି। ହାଣ୍ଡିଆକୁ ଠାକୁରଙ୍କ ନିକଟରେ ପୂଜା କରିଥାନ୍ତି। ଏହା ଆଉ ଗରିବ କିମ୍ବା କେବଳ ଆଦିବାସୀଙ୍କ ଖାଦ୍ୟ ହୋଇ ରହିନାହିଁ।

## 'ବଜରଙ୍ଗ ସେନା'ର ରାମନବମୀ ଉତ୍ସବ

ସିମୁଳିଆ, (ସନ୍ତୋଷ ନାୟକ): ସିମୁଳିଆର 'ବଜରଙ୍ଗ ସେନା' ପକ୍ଷରୁ ବୁଧବାର ରାମନବମୀ ପାଳିତ ହୋଇଛି। ବ୍ଲକର ସଦରମହକୁମା ମାର୍କୋଣାର ରାବଣପୋଡି ପଡିଆ ନିକଟରୁ ୫ଶହରୁ ଉର୍ଦ୍ଧ୍ୱ ସଦସ୍ୟ ଶୋଭାଯାତ୍ରା ବାହାରି କୁପୁରା, ଜାମୁଝାଡି, ମଇତାପୁର, ଗାଁ ମାର୍କୋଣା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଅନୁଷ୍ଠାନ ସଭାପତି ଅନୁରାଗ ସାହୁ, ସମ୍ପାଦକ ହରିନାରାୟଣ ମହାନ୍ତିଙ୍କ ସମେତ ମାନସ ଦାସ, ଅସିତ୍ କୁମାର ମହାନ୍ତି, ଅରୁଣ କୁମାର ମଲିକ, ହିମାଂଶୁ ମହାନ୍ତି ଯୋଗ ଦେଇଥିଲେ।



## ସଂକ୍ଷେପରେ

### ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୧୮।୪(ରବିନାରାୟଣ ପାତ୍ର/ନବୀନ ସାହୁ):–ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର ଧରି ଜଳେଶ୍ୱର ଆସୁଥିବା ଜଣେ ବ୍ୟବସାୟୀଙ୍କୁ ୫୭ ନଂ. ରାଜ୍ୟ ରାଜପଥର ଆମ୍ବଲିଅଠା ପେଟ୍ରୋଲ ପମ୍ପ ନିକଟରୁ ଜଳେଶ୍ୱର ଅବକାରୀ ସାଟେଲାଇଟ ୟୁନିଟ ଧରିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଛି। ଭୋଗରାଇ ବ୍ଲକ ସୁନାଧରବସାଣ ଗାଁର ସେକ୍ ଅର୍ସଦ ଆୟୁବ (୩୭) ଏକ ବାଇକ୍‌ରେ ୧୦୫ ଗ୍ରାମ ବ୍ରାଉନ୍‌ସୁଗାର ଧରି ଜଳେଶ୍ୱର ଅଭିମୁଖେ ଆସୁଥିଲେ। ଗୋଇନ୍ଦା ସୂଚନା ଆଧାରରେ ଜଳେଶ୍ୱର ସାଟେଲାଇଟ୍ ୟୁନିଟର ଲକ୍ଷ୍ୟସାଧବ ପ୍ରଧାନ ଏ ସମ୍ପର୍କରେ ଜାଣି ତାଙ୍କ ଟିମ୍ ସହିତ ୫୭ ରାଜ୍ୟ ରାଜପଥର ଆମ୍ବଲିଅଠା ଛକ ନିକଟରେ ଜାଲ ବିଛାଇ ବସିଥିଲେ। ଅର୍ସଦ ବାଇକ୍ ଧରି ଆମ୍ବଲିଅଠା ଛକ ପାରି ହେବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ ଆରମ୍ଭ ହୋଇଥିଲା । ପେଟ୍ରୋଲ ପମ୍ପ ନିକଟରେ ବାଇକ୍‌କୁ ଅଟକାଇ ସେଥିରୁ ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି । ବାଇକ୍ ସହିତ ନଗଦ ୮୦ହଜାର ଟଙ୍କା ଜବତ ହୋଇଛି।

### ଖନ୍ତାପଡା, ଶ୍ରୀଜଙ୍ଗରେ ମା' ବାସନ୍ତୀ ପୂଜା

ବାହାନଗା,୧୮।୪(ଅରୂପ୍ କୁମାର ଦାସ)– ବାହାନଗା ବ୍ଲକ ଖନ୍ତାପଡା ଓ କୁରୁଡା, ଅଞ୍ଜି ସମେତ ରେମୁଣା ବ୍ଲକର ଶ୍ରୀଜଙ୍ଗ ଗ୍ରାମରେ ମା' ବାସନ୍ତୀ ପୂଜା ପାଳିତ ହୋଇଛି। ବାହାନଗା ବ୍ଲକ କୁରୁଡା ପଞ୍ଚାୟତ ମଙ୍ଗୁଳିଡିଅ ଗ୍ରାମର ମା' ଦଶଭୂଜା ତଥା ମା' ବାସନ୍ତୀ ଦୁର୍ଗାପୂଜା ପାଳିତ ହୋଇଛି। ସେହିପରି ଅଞ୍ଜି ପଞ୍ଚାୟତର ଖରିଦା ଗ୍ରାମରେ ମା' ବାସନ୍ତୀ ଦୁର୍ଗା ମଣ୍ଡପରେ ମା' ଦଶଭୂଜା ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଛି। ବରିପଦା ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ମା' ବାସନ୍ତୀ ପୂଜା ସାର୍ବଜନୀନ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଛି। ଖନ୍ତାପଡା ବଜାରରେ ମଧ୍ୟ ସାର୍ବଜନୀନ ମା' ବାସନ୍ତୀ ପୂଜା ଅନୁଷ୍ଠିତ ହୋଇଛି । ଏଥିଲାଗି ଖନ୍ତାପଡା ବଜାର ଉତ୍ସବମୁଖର ହେବା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କ ନିକଟରେ ଭଜନ ଆସର ହେବା ସହିତ ବିଭିନ୍ନ ଯାତ୍ରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ ହେଉଛି। ରେମୁଣା ବ୍ଲକର ଶ୍ରୀଜଙ୍ଗ ଗ୍ରାମ ମା'ଙ୍କ ପୂଜା ନିମନ୍ତେ ଉତ୍ସବମୁଖର ହୋଇଉଠିଛି। ଖନ୍ତାପଡା ଥାନା ପୋଲିସ୍ ଶ୍ରୀଜଙ୍ଗ ଓ ଖନ୍ତାପଡା ବଜାରରେ ଫୋର୍ସ ମୁତୟନ କରାଯାଇଛି।

### ଶ୍ରୀରାମ ନବମୀ ଉତ୍ସବ

ରେମୁଣା, ୧୮।୪(ରବୀନ୍ଦ୍ର ମହାକୁଡ଼)– ମନ୍ଥନ କଲଚ୍ୟୁରାଲ ଏକାଡେମୀରେ ଶ୍ରୀରାମ ନବମୀ ଉତ୍ସବ ସମାରୋହ ପାଳିତ ହୋଇଛି। ବୁଧବାର ବାଲେଶ୍ୱର ସହରସ୍ଥିତ ଏକାଡ଼େମୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଷ୍ଟ୍ର ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଓମ୍ ପ୍ରକାଶ ସିହ୍ନା ଏବଂ କୁନି ଶିଳ୍ପୀ ସରଗୁନ ନାୟକ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଖବରଦାତା ସୁରେଶ ଦାସ ବିଭିନ୍ନ ଆଖ୍ୟାୟିକା ମାଧ୍ୟମରେ ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ ଆଲୋଚନା କରିଥିଲେ। ପରେ ପିଲାଙ୍କ ଦ୍ୱାରା ନାଚଗୀତ କାର୍ଯ୍ୟକ୍ରମ ଓ ମା'ମାନଙ୍କ ମଧ୍ୟରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ହୋଇଥିଲା। ପ୍ରଶାନ୍ତି ବେହେରା, ବନଜା ସାମଲ, ସୁଶୀଳାମଣି ରାଉତ ଏବଂ ବିଦ୍ୟୁତ ପ୍ରଭା ପ୍ରଧାନ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ହୋଇଥିଲେ। ବିଚାରକ ଭାବେ ଅଧ୍ୟାପିକା ସସ୍ମିତା ପ୍ରଧାନ ଏବଂ ଶୈଳେନ୍ଦ୍ରୀ ମହାନ୍ତି ନିରୀକ୍ଷଣ କରିଥିଲେ। ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ନରୋତ୍ତମ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୁରୁ କୈଳାସ ଜେନା, କାର୍ଯ୍ୟନିର୍ବାହୀ ସଭ୍ୟା ମମତା ଦାସ, ଅଫିସ ଇନଚାର୍ଜ ମିତାଲି ସାହୁ ପରିଚାଳନା କରିଥିଲେ।

### ହରିଣ ଉଦ୍ଧାର

ବାଙ୍ଗିରିପୋଷି,୧୮।୪(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ କଳାବାଡ଼ିଆ ନିକଟରୁ ଏକ ହରିଣ ଉଦ୍ଧାର ହୋଇଛି। ହରିଣଟି ଚାଷ ଜମିରେ ଲାଗିଥିବା ଜାଲରେ ପଡ଼ିଯାଇଥିଲା। ବନ ବିଭାଗ ତାକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛି। ଗୁରୁବାର ରାତିରେ ୩ଟି ହରିଣ ବାଟହୁଡି କଳାବାଡିଆ ଛକ ନିକଟକୁ ଚାଲି ଆସିଥିଲେ। ସେଥିମଧ୍ୟରୁ ଗୋଟିଏ ହରିଣ ଜାଲରେ ଲାଗି ଯାଇଥିବା ବେଳେ ଅନ୍ୟ ଦୁଇଟି ହରିଣ ଦୌଡି ପଳାଇଥିଲେ। ସକାଳୁ ଗ୍ରାମବାସୀ ଜାଲରେ ହରିଣଟି ଲାଗିରହିଥିବା ଦେଖି ଉଦ୍ଧାର କରି ବାଙ୍ଗିରିପୋଷି ବନ ବିଭାଗକୁ ଖବର ଦେଇଥିଲେ । ବନ କର୍ମଚାରୀ ମାନେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ।

# ତୃଷାର୍ତ୍ତ ପକ୍ଷୀଙ୍କ ଲାଗି ଜଳ ବ୍ୟବସ୍ଥା

## ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ପ୍ରକୃତି ପ୍ରେମୀଙ୍କ ନିଆରା ପ୍ରୟାସ



ନୀଳଗିରି, ୧୮।୪(ପ୍ରଶାନ୍ତ ବିଶ୍ୱାଳ)

ପ୍ରକୃତି, ପଶୁପକ୍ଷୀ ଆଉ ମଣିଷ ମଧ୍ୟରେ ରହିଛି ନିବିଡ଼ ସମ୍ପର୍କ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ମଣିଷ ଡହଳବିକଳ ହୋଇଉଠିଥିବା ବେଳେ ପ୍ରାଣୀପକ୍ଷୀମାନେ ମଧ୍ୟ ବାଦ୍ ପଡୁନାହାନ୍ତି। ଅସହ୍ୟ ତାପମାତ୍ରା ଯୋଗୁ ଛଟପଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କେତେଜଣ ପ୍ରକୃତିପ୍ରେମୀ ତିନିକୋଶିଆ ଜଙ୍ଗଲରେ ପକ୍ଷୀମାନଙ୍କ ପାଇଁ ଜଳ ବ୍ୟବସ୍ଥା କରିଛନ୍ତି।

ଗ୍ରୀଷ୍ମଋତୁରେ ଜଳାଶୟଗୁଡ଼ିକ ଶୁଖିଯିବା ଏବଂ ଅସହ୍ୟ ଗରମ ଯୋଗୁ ନୀରିହ ପକ୍ଷୀଙ୍କ ମୃତ୍ୟୁ ହୋଇଥାଏ। ଏଭଳି ନିରୀହ ପକ୍ଷୀଙ୍କ ଜୀବନ ବଞ୍ଚାଇବା ପାଇଁ ଗତବର୍ଷ ପରି ଏବର୍ଷ ମଧ୍ୟ ଅଣ୍ଟା ଭିଡ଼ିଛି ନୀଳଗିରି ବ୍ଲକ ଅଧିନ ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେଶନ। ସଙ୍ଗଠନ ପକ୍ଷରୁ ତୃଷାର୍ତ୍ତ ପକ୍ଷୀମାନଙ୍କୁ ଜଳଦାନ ପାଇଁ କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ତିନିକୋଶିଆ ସଂରକ୍ଷିତ ଜଙ୍ଗଲର ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଏହି ଜଳପାତ୍ରରେ ଜଳ ଭର୍ତ୍ତି କରାଯାଉଛି। ଫଳରେ ନିରୀହ ପକ୍ଷୀମାନଙ୍କ ଜୀବନ ବଞ୍ଚିବା ସହ ବନାଞ୍ଚଳବାସୀଙ୍କ ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା, ଦାୟିତ୍ୱବୋଧ ଓ ପ୍ରକୃତିକୁ ଅଧିକ ଭଲ ପାଇବା ସମ୍ବନ୍ଧୀୟ ବାର୍ତ୍ତା ସୃଷ୍ଟି କରିବ ବୋଲି ଉକ୍ତ ମହାବୀର ଫାଉଣ୍ଡେଶନ ପ୍ରତିଷ୍ଠାତା ବିଦ୍ୟାଧର ବାରିକ କହିଛନ୍ତି। ଏହି ପ୍ରକାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଗତ ୧୦ ଦିନ ପୂର୍ବେ ନୀଳଗିରି ତିନିକୋଶିଆ ଜଙ୍ଗଲ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଗଛରେ ବ୍ୟାନର ମାରି ବନାଗ୍ନିକୁ ରୋକିବା ତଥା ନିଆଁଦାଉରୁ ଜଙ୍ଗଲକୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଟଚଲା ଲୋକଙ୍କୁ ନିବେଦନ ମଧ୍ୟ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ସଭାପତି ବିଶ୍ୱସୁନ୍ଦର ବାରିକ, ସଦସ୍ୟ ପ୍ରମୋଜ୍ୟୋତି ବେହେରା, ବାହୁବଳି ରଣା, ଦିଗମ୍ବର ବେହେରା, ରଞ୍ଜିତ ମଲ୍ଲିକ ଓ ବିଶ୍ୱଜିତ୍ ମଲ୍ଲିକ ପ୍ରମୁଖ ସାମିଲ ରହିଛନ୍ତି। ମହାବୀର ଫାଉଣ୍ଡେଶନର ନିସ୍ୱାର୍ଥପର ସେବା ସମାଜ ପାଇଁ ଜାରି ରହିଛି, ଆଉ ଆଗକୁ ମଧ୍ୟ ଜାରି ରହିବ ବୋଲି ପ୍ରତିଷ୍ଠାତା ବାରିକ ପ୍ରକାଶ କରିଛନ୍ତି।

# ରତାଇରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଘରକୁ ଘର ବୁଲି ପ୍ରଚାର କରୁଛନ୍ତି।

ବାଲିଆପାଳ, ୧୮।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ରତାଇ ପଞ୍ଚାୟତରେ ଗୁରୁବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସ୍ତା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ।

ସମୃଦ୍ଧ ଓ ବିକଶିତ ଓଡ଼ିଶାର ନିର୍ମାଣ ଦିଗରେ ସଦାସର୍ବଦା କର୍ତ୍ତବ୍ୟରତ ତଥା ଗାଁକୁ କାମ ଓ ମା'କୁ ସମ୍ମାନ ମୂଳମନ୍ତ୍ରକୁ ପ୍ରାଧାନ୍ୟ ଦେଇ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ସଶକ୍ତିକରଣ ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରାର୍ଥିନୀ ଜେନା ଯୋଗଦେଇ ବିଜେଡିର ହାତ ମୁଠାକୁ ଟାଣ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତ ଅଞ୍ଚଳବାସୀଙ୍କୁ ସଂକଳ୍ପ କରାଇଥିଲେ। ବସ୍ତା ଏବଂ ବାଲିଆପାଳର ବିକାଶ ପାଇଁ ବିଧାୟିକା ପ୍ରାର୍ଥିନୀ ଜେନା ଏବଂ ବାଲେଶ୍ୱର ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ସଭାରେ କର୍ମୀ ଓ ନେତାମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ, ୨୧ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା କାଞ୍ଚନ ଜେନା, ୨୨ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ର, ପୂର୍ବତନ ସରପଞ୍ଚ ସରୋଜ ପାଢ଼ୀ, ପୂର୍ବତନ ବ୍ଲକ ସଭାପତି ଚକ୍ରଧର ଗିରି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ଦଳୀୟ ନେତୃବୃନ୍ଦ ଓ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ଯଜ୍ଞ



ଯଜ୍ଞରେ ପୂର୍ଣ୍ଣାହୁତି ଚାଲିଛି।

ବାଲିଆପାଳ, ୧୮।୪(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ଓ ଦୁଇଦିନିଆ ଯଜ୍ଞ କାର୍ଯ୍ୟ ଗୁରୁବାର ଶେଷ ହୋଇଛି। ଶ୍ରୀରାମନବମୀଠାରୁ ବାର୍ଷିକ ଉତ୍ସବ ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଦଶମୀରେ ପୂର୍ଣ୍ଣାହୁତି ପରେ ସମସ୍ତ କାର୍ଯ୍ୟ ଶେଷ ହୋଇଯାଇଛି। ନବମୀରେ ଶତାଧିକ ମହିଳାଙ୍କ ଦ୍ୱାରା ସୁବର୍ଣ୍ଣରେଖା ନଦୀରୁ କଳସ ଯାତ୍ରାରେ ପାଣି ଆଣି ଯଜ୍ଞବେଦୀରେ ସ୍ଥାପିତ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ ମନ୍ଦିରରେ ଦୈନିକ ପୂଜାର୍ଚ୍ଚନା ସହିତ ବିଷ୍ଣୁଯଜ୍ଞ, ହନୁମାନଙ୍କର ଉପଚାର ପୂଜା, ହନୁମାନ ଚାଳିଶା, ବିଷ୍ଣୁ ସହସ୍ରନାମ ଓ ହନୁମାନଙ୍କର ସହସ୍ର ନାମରେ ଆହୂତି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଦୁଇଦିନ ଧରି ଯଜ୍ଞରେ ଲୋକମାନେ କେଜି କେଜି ସ୍ୱଦେଶୀ ଘୃତ ଆହୁତି ପ୍ରଦାନ କରିଥିଲେ। ହନୁମାନ ମନ୍ଦିର ଦୈନିକ ପୂଜକ ପଣ୍ଡିତ ବାବୁରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଭାକର ପଣ୍ଡା, ଧନଞ୍ଜୟ ପଣ୍ଡା, ଅଜିତ ପଣ୍ଡା, ଝାଡ଼େଶ୍ୱର ରଥ, ସୁଶାନ୍ତ ମିଶ୍ର, ବିଶ୍ୱମ୍ଭର ମହାପାତ୍ର ପ୍ରମୁଖ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପ୍ରତିଷ୍ଠାତା ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ମୃତ୍ୟୁଞ୍ଜୟ ସାହୁଙ୍କ ଯଜ୍ଞରେ କର୍ତ୍ତା ଭାବେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ କମିଟି ସଦସ୍ୟ ଦୈତାରୀ ଗିରି, ଝାଡ଼େଶ୍ୱର ପ୍ରଧାନ, ଅଜୟ କୁମାର ସାହୁ, ପଦ୍ମଲୋଚନ ବାରିକ, ଅଜୟ କୁମାର ଦାସ, ବିଜୟ ସାହୁ, ପ୍ରମୋଦ ଭୂୟାଁ, ଗଣେଶ୍ୱର ବେହେରା, ଭୁବନମୋହନ ପିଳା, ପଞ୍ଚାନନ ଭୋଳ, ବରେନ୍ଦ୍ର ଘଡ଼ାଇ, ଗୋପାଳ ଚନ୍ଦ୍ର ସାହୁ, ଅଶୋକ ରାଉତ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀଙ୍କ ସହିତ ସମସ୍ତ ଟ୍ରଷ୍ଟ ବୋର୍ଡ଼ର ସଦସ୍ୟ ଓ ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରରେ ଶେଷ ହୋଇଯାଇଛି।

## ଟ୍ରକ ଚାଳକଙ୍କଠାରୁ ଟଙ୍କା,ମୋବାଇଲ ଲୁଟ୍ ଘଟଣା: ବାପପୁଅ ଗିରଫ

ସୋର, ୧୮।୪(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳ ନଗର ନିକଟରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ଚାଳକଙ୍କ ନିକଟରୁ ଟଙ୍କା ଏବଂ ମୋବାଇଲ ଲୁଟ୍ ଘଟଣାରେ ପୋଲିସ ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ସକାଳେ କଟକରୁ ସୋର ଅଭିମୁଖେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ(ନଂ.ଓଆର ୦୪ ଏଲ ୫୫୪୬)କୁ ତଳନଗର ନିକଟରେ ଭଦ୍ରକ ଅଞ୍ଚଳର ବାପପୁଅ ଏକ ସ୍କୁଟିରେ ଆସି ଅଟକାଇବା ସହିତ ତାଙ୍କ ନିକଟରୁ ୫୦୦ ଟଙ୍କା ଓ ଏକ ମୋବାଇଲ ଲୁଟ୍ କରି ନେଇଯାଇଥିଲେ। ଏନେଇ ଟ୍ରକ ଡ୍ରାଇଭର ଢେଙ୍କାନାଳ ଜିଲା ଗନ୍ଧିଆ ଥାନା ଅଞ୍ଚଳର ଶଙ୍କର୍ଷଣ ପ୍ରଧାନ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୩୩୮/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏଥିରେ ସମ୍ପୃକ୍ତ ଭଦ୍ରକ ରୁରାଲ ଥାନା ଅଞ୍ଚଳର ପ୍ରିୟରଞ୍ଜନ ପଲେଇ ଏବଂ ତାଙ୍କ ବାପା ରାଜେନ୍ଦ୍ର ପଲେଇଙ୍କୁ ଗିରଫ କରି ଗୁରବାର ଅପରାହ୍ନରେ କୋର୍ଟଚାଲାଣ କରିଛନ୍ତି। ସେମାନଙ୍କ ନିକଟରୁ ଏକ ସ୍କୁଟି ସହ ଲୁଟ ୫୦୦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି।

# ବିଜେଡି ଟିକେଟ ଦୌଡ଼ରେ ସ୍ନେହଲତା

## ରେମୁଣା ବିଧାନସଭା ଆସନ

ବାଲେଶ୍ୱର, ୧୮।୪(ମାନସ ବିଶ୍ୱାଳ)



ସ୍ନେହଲତା ଦାସପତି।

ବାଲେଶ୍ୱର ଜିଲା ରେମୁଣା ବିଧାନସଭା ଆସନ ଲାଗି ଏଯାଏ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବେଳେ ବିଜେଡି ପକ୍ଷରୁ ପ୍ରାର୍ଥିନୀ ହେବା ପାଇଁ ଆଇନଜୀବୀ ସ୍ନେହଲତା ଦାସପତି ଆଶାୟୀ ରହିଛନ୍ତି। ରାଜ୍ୟରେ ବିଜେଡି ୩୦% ମହିଳାଙ୍କୁ ପ୍ରାର୍ଥିତ୍ୱ ପ୍ରଦାନ କରି ନାରୀ ସଶକ୍ତିକରଣ ଦିଗକୁ ଶକ୍ତିଶାଳୀ କରୁଛି। ରେମୁଣା ନିର୍ବାଚନ ମଣ୍ଡଳୀରେ ଜଣେ ମହିଳା ପ୍ରାର୍ଥିତ୍ୱ ଦେଇ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଲେ ବିଜେଡିର ବିଜୟ ସୁନିଶ୍ଚିତ ବୋଲି ସ୍ନେହଲତା ଆଶା ବାନ୍ଧିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ରେମୁଣା ବିଧାନସଭା କ୍ଷେତ୍ରରେ ବିଜେଡିର ପ୍ରାର୍ଥିନୀ ହେବା ପାଇଁ ସ୍ନେହଲତା ଆବେଦନ କରିଛନ୍ତି। ସେ ଦୀର୍ଘ ୨୩ବର୍ଷ ଧରି ଓକିଲାତି କରିଆସୁଛନ୍ତି। ଏଥିସହିତ ବିଭିନ୍ନ ସାମାଜିକ ସଙ୍ଗଠନର ପଦାଧିକାରୀ ରହି କାର୍ଯ୍ୟ କରିବା ସହ କେତେକ ସରକାରୀ କମିଟିରେ ସଦସ୍ୟ ଭାବେ ରହିଆସିଛନ୍ତି। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ସେବାଶ୍ରୀ ସମ୍ମାନ ମଧ୍ୟ ପାଇଛନ୍ତି। ୧୯୯୯ରେ ମହାବାତ୍ୟା ପରେ ଫନି ଓ ଫାଇଲିନ୍ ଏବଂ କରୋନା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଲୋକଙ୍କ ନିକଟରେ ପହଞ୍ଚି ଦୁଃଖସୁଖରେ ସାଥୀ ହୋଇ ବାଲେଶ୍ୱର ଜିଲାରେ ଏକ ଚର୍ଚ୍ଚିତ ନାରୀ ସମାଜସେବୀ ଭାବେ ପରିଚିତ। ଗତ ୨୦୦୪ରେ ରେମୁଣା ନିର୍ବାଚନମଣ୍ଡଳୀ ନୂତନ ଭାବେ ଗଠନ ହେବା ଦିନ ଠାରୁ ଉକ୍ତ ବିଧାନସଭା ଅଞ୍ଚଳର ସାମାଜିକ, ଧାର୍ମିକ ଏବଂ ସାମୂହିକ ଜନସେବା ମୂଳକ କାର୍ଯ୍ୟରେ ଜଡିତ ରହି କାର୍ଯ୍ୟ କରିଆସୁଛନ୍ତି। ଏଥିସହିତ ଗତ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ବିଜୁ ମହିଳା ଜନତା ଦଳର ଜିଲା ସମ୍ପାଦିକା ଭାବେ କାର୍ଯ୍ୟ କରିଆସିଛନ୍ତି। ତେଣୁ ସେ ପ୍ରାର୍ଥିନୀ ହେବା ପାଇଁ ଆବେଦନ କରିଥିବା ପ୍ରକାଶ କରିଛନ୍ତି।

# ୫ ବର୍ଷ ହେଲା ରାଶନ ଚାଉଳ ହରିଲୁଟ୍

## ଅଧିକାରୀଙ୍କ ଆଗରେ ସତ ମାନିଲେ ଡିଲର

କାଳିପଦା, ୧୮।୪(ରାଜଶ୍ରୀ ପାଣିଗ୍ରାହୀ)



ଯାଞ୍ଚ ସମୟରେ ବାଲିଆପାଳ ବ୍ଲକ ଖାଦ୍ୟ ଯୋଗାଣ ସୁରକ୍ଷା ଅଧିକାରୀ ଓ ଅନ୍ୟମାନେ।

ସରକାର ଗ୍ରାମାଞ୍ଚଳରେ ଦାରିଦ୍ର ସୀମାରେଖା ତଳେ ଥିବା ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ କାର୍ଡ଼ ଯୋଗେ ପ୍ରତି ମାସ ୩୫କେଜି ଚାଉଳ ଦେଉଥିବା ବେଳେ ଚଞ୍ଚକତା କରି ଡିଲର ଶହ ଶହ କୁଇଣ୍ଟାଲ ଚାଉଳ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତ ଜାଠିଆ ଗ୍ରାମର ଚୈତନ୍ୟ ମାଝି ଦୀର୍ଘବର୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଆସୁଛନ୍ତି। ହିତାଧିକାରୀମାନେ ଗରିବ ଆଦିବାସୀ ଶ୍ରେଣୀର ହୋଇଥିବାରୁ ଏହାର ସୁଯୋଗ ନେଇ ମୁଣ୍ଡପିଛା ୫ କେଜି ଚାଉଳ ଦେଇ ଖାତା ନିଜ ପାଖରେ ରଖୁଥିଲେ। ରାଜ୍ୟ ସରକାରଙ୍କ ତରଫରୁ ହିତାଧିକାରୀମାନଙ୍କୁ ୧ହଜାର ଟଙ୍କା ଓ ବ୍ୟାଗ ବଣ୍ଟନ ବେଳେ ଡିଲରଙ୍କ ଅସଲ ଚେହେରା ପଦାକୁ ଆସିଥିଲା। ପ୍ରାୟ ୪୦ ହିତାଧିକାରୀଙ୍କର ଅନ୍ତ୍ୟୋଦୟ କାର୍ଡ଼ ଅଛି ବୋଲି ଗ୍ରାମର କିଛି ଶିକ୍ଷିତ ଯୁବକ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବାଲିଆପାଳ ବ୍ଲକ ଖାଦ୍ୟ ସୁରକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କଠାରେ ଅଭିଯୋଗ ହୋଇଥିଲା। ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଜାଣିପାରିଥିଲେ। ଅଧିକାରୀ ରଥ ଡିଲରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ହିତାଧିକାରୀମାନଙ୍କୁ ତାଙ୍କର ବକେୟା ଚାଉଳ କିପରି ପାଇବେ ସେ ବିଷୟରେ ଦାୟିତ୍ୱ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ୫ ବର୍ଷ ଧରି ଡିଲର ଚୈତନ୍ୟ ମାଝି ହରିଲୁଟ କରିଥିବା ସ୍ୱୀକାର କରିଛନ୍ତି। ତଦନ୍ତ ବେଳେ ପଞ୍ଚାୟତର ସରପଞ୍ଚ ସରୋଜ ପିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ଗୁଗୁଲ୍ ଆର୍ଥ ଇଞ୍ଜିନ୍ ଓ ଭୂ–ସ୍ଥାନିକ ବିଶ୍ଳେଷଣର ଉପଯୋଗିତା' କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

## ଅଂଶଗ୍ରହଣ କଲେ ୬୫ ବିଦ୍ୟାର୍ଥୀ

ବାଲେଶ୍ୱର, ୧୮।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର, ସ୍ନାତକୋତ୍ତର ଭୂଗୋଳ ବିଭାଗ ଓ ସ୍ନାତକୋତ୍ତର ଭୂତତ୍ତ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ' ଗୁଗୁଲ୍ ଆର୍ଥ ଇଞ୍ଜିନ୍ ଓ ଭୂ–ସ୍ଥାନିକ ବିଶ୍ଳେଷଣର ଉପଯୋଗିତା' ଶୀର୍ଷକ ତ୍ରି–ଦିବସୀୟ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶା ଓ ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନରୁ ୬୫ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଛନ୍ତି। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ମାନବ ସମ୍ବଳ ବିକାଶ କେନ୍ଦ୍ର ସଦସ୍ୟ ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କର୍ମଶାଳାକୁ ଉଦ୍‌ଘାଟନ କରି ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ କାଳରେ ତାର ପରିଚାଳନା ଓ ପ୍ରଶମନ ସକାଶେ ଲୋକେସନ୍ ଷ୍ଟ୍ରେସ୍‌ର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥିବାରୁ ଏହି ଭୂ–ସ୍ଥାନିକ ବିଶ୍ଳେଷଣଜନିତ ବ୍ୟବହାରିକ ଜ୍ଞାନ ଆହରଣର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ତଥା ବିଷୟ–ବିଶାରଦ ଭାବରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ବିକାଶ ରଞ୍ଜନ ପରିଡ଼ା ଯୋଗଦେଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏହିପରି ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ବର୍ତ୍ତମାନ ବିଶେଷ ଅଗ୍ରଗତି କରିସାରିଛନ୍ତି। ଭାରତର ସମ୍ପ୍ରତି କୁଶଳୀ ଓ ମେଧାବୀ ଯୁବଗୋଷ୍ଠୀ ତଥା ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଗୁଗୁଲ୍ ଆର୍ଥ୍ ଇଞ୍ଜିନ୍ ପରି ବହୁବିଧ ବିଷୟର ବ୍ୟବହାର ଅତି ସରଳ ଓ ସାଧାରଣ ହୋଇପାରିଛି। ଯାହାର ଉପଯୋଗ କରି ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ସମସ୍ତେ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ସବ୍ୟସାଚୀ ପଟ୍ଟନାୟକ, ଭୂଗୋଳ ବିଭାଗର ବିଭାଗ ମୁଖ୍ୟ ଡ. ନିହାର ରଞ୍ଜନ ରାଉତ କର୍ମଶାଳାରେ ଯୋଗଦେଇ ଉପରୋକ୍ତ ବିଷୟବସ୍ତୁ ଉପରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ଆସନ୍ତା ୨୦ତାରିଖରେ ଏହି କର୍ମଶାଳା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଇରା, ସିମୁଳିଆର ବିକାଶ ଲାଗି ହିମାଂଶୁଙ୍କ ପ୍ରତିଶ୍ରୁତି




କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ହିମାଂଶୁ।

ଖଇରା, ୧୮।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ଯୁବ ଚେହେରା ହିମାଂଶୁ ଶେଖର ବେହେରାଙ୍କୁ କଂଗ୍ରେସ ମନୋନୀତ କରିବା ପରେ ସେ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ଆଶୀର୍ବାଦ ନେଇ ଫେରିଛନ୍ତି। ଗୁରୁବାର ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ଡାକି ସିମୁଳିଆ ଖଇରାବାସୀଙ୍କୁ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ସେ ବିଜୟୀ ହେଲେ କଂଗ୍ରେସ ଦେଇଥିବା ଗ୍ୟାରେଣ୍ଟିକୁ ପୂରଣ କରିବା ସହ ସିମୁଳିଆ ଖଇରା ପାଇଁ ସ୍ୱତନ୍ତ୍ର ଭାବେ କିଛି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷ କରି ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେବେ। ଏଥିସହ କୃଷକମାନଙ୍କ ସୁବିଧା ପାଇଁ ଆମ୍ବହତା କେନାଲ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜରୁରୀକାଳିନ ଆବଶ୍ୟକତା ପାଇଁ ଅତ୍ୟାଧୁନିକ ଆମ୍ବୁଲାନ୍ସ ବ୍ୟବସ୍ଥା, ପ୍ରତ୍ୟେକ ବିଭାଗରେ ଚାଲିଥିବା ଦୁର୍ନୀତିକୁ ରୋକିବା ପାଇଁ ସେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ ଖଇରା ସିମୁଳିଆବାସୀ ପୁରୁଣା ମୁହଁ ବଦଳରେ ନୂଆଁ ମୁହଁ ଅପେକ୍ଷାରେ ଥିଲେ। ଏଣୁ ଏଥର ସିମୁଳିଆ ନିର୍ବାଚନ ମଣ୍ଡଳୀର ଅଧିବାସୀମାନେ ନୂତନ ସୂର୍ଯ୍ୟୋଦୟ ଦେଖିବେ ବୋଲି ଦୃଢତାର ସହ କହିଛନ୍ତି । ଉକ୍ତ ଖବରଦାତା ସମ୍ମିଳନୀରେ ହିମାଂଶୁଙ୍କ ବ୍ୟତୀତ ଜିଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ରତ୍ନାକର ପାଇକରାୟ, ଗଜେନ୍ଦ୍ର ସେଠୀ ଓ କୈଳାସ ଚନ୍ଦ୍ର ଶୁକ୍ଳ ପ୍ରମୁଖ ଉପସ୍ଥିତ ଥିଲେ।

